## ତୃତୀୟ ଅଧ୍ୟାୟ

# ୨୦୦୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ସ୍ୱାଧୀନତା ପରବର୍ତ୍ତୀ ଭାରତ

## ପ୍ରଥମ ପାଠ

## ଦେଶୀୟ ରାଜ୍ୟମାନଙ୍କର ମିଶ୍ରଣ

୧୯୪୭ର ଭାରତ ସ୍ୱାଧୀନତା ଆଇନ ଭାରତ କିମ୍ବା ପାକିସ୍ଥାନକୁ ପୂର୍ଣ୍ଣ ରାଷ୍ଟ୍ରରେ ପରିଣତ କରିପାରିଲା ନାହିଁ। ଇଂରେଜମାନଙ୍କ ଦ୍ୱାରା ଶାସିତ ହେଉଥିବା ବ୍ରିଟିଶ ଭାରତ ଥିଲା ଅଖଣ୍ଡ ଭାରତର ସମୁଦାୟ ଭୂଭାଗର ୬୦ ପ୍ରତିଶତ। ଅନ୍ୟ ୪୦ ପ୍ରତିଶତ ଭୂଭାଗ ଏହି କ୍ଷମତା ହସ୍ତାନ୍ତର ପ୍ରକ୍ରିୟାରେ ସାମିଲ ହୋଇ ନ ଥିଲା । ଏହି ଶତକଡ଼ା ୪୦ ଭାଗ ଅଞ୍ଚଳ ଛୋଟ ବଡ଼ ଶହଶହ ଦେଶୀୟ ରାଜାମାନଙ୍କ ଦ୍ୱାରା ଶାସିତ ହେଉଥିଲା। ଏକ ଅଲିଖିତ ଅଥଚ ସର୍ବଶକ୍ତିମାନ ସାର୍ବଭୌମ ଛତ୍ରଛାୟା। ସେମାନଙ୍କୁ ସୁରକ୍ଷା ପ୍ରଦାନ କରୁଥିଲା। ଏହା ଥିଲା ବ୍ରିଟିଶ ସର୍ବୋଚ୍ଚ ଶାସନ କ୍ଷମତା।

> **ତୁମେ ଜାଣିଛ କି ?**
>
> *୧୮୫୮ ମସିହା ପରଠାରୁ ଭାରତରେ ମୁଖ୍ୟ ବ୍ରିଟିଶ ଶାସକଙ୍କୁ ଭାଇସରାୟ ବୋଲି କୁହାଗଲା। ବ୍ରିଟିଶ ଭାରତର ଶାସନକର୍ତ୍ତା ହିସାବରେ ତାଙ୍କର ପଦବୀ ଥିଲା ଭାଇସ୍‌ରାୟ । ବ୍ରିଟେନ ରାଣୀ / ରାଜାଙ୍କ ପ୍ରତିନିଧି ଭାବରେ ସେ କାର୍ଯ୍ୟ କରୁଥିଲେ ।*

୧୯୪୭ର ଭାରତ ସ୍ୱାଧୀନତା ଆଇନ ଅନୁଯାୟୀ ସେମାନଙ୍କ ଉପରୁ ବ୍ରିଟିଶ ସର୍ବୋଚ୍ଚ ଶକ୍ତିର ଛତ୍ରଛାୟା ଅପସାରିତ ହୋଇଗଲା। ବସ୍ତୁତଃ ଦେଶୀୟ ରାଜ୍ୟମାନେ ସ୍ୱାଧୀନ ହୋଇଗଲେ। ସେମାନେ ଚାହିଁଲେ ଭାରତ କିମ୍ବା ପାକିସ୍ଥାନ ସହିତ ମିଶିଯାଇ ପାରିବେ ଅଥବା ସ୍ୱାଧୀନ ହୋଇ ରହିପାରିବେ ବୋଲି ଭାରତ ସ୍ୱାଧୀନତା ଆଇନରେ ବ୍ୟବସ୍ଥା ରହିଲା। କିନ୍ତୁ ବାସ୍ତବ ପକ୍ଷରେ ଏପରି ଏକ ରାଜନୀତିକ ଅବସ୍ଥା ସମ୍ଭବ ନ ଥିଲା।

ଏହିପରି ଏକ ପରିକଳ୍ପିତ ସମସ୍ୟାକୁ ଦୃଷ୍ଟିରେ ରଖି ୧୯୪୭ ଜୁନ ୨୭ ତାରିଖରେ ଭାରତ ସରକାର ଦେଶୀୟ ରାଜ୍ୟ ବିଭାଗ ନାମକ ଏକ ନୂତନ ବିଭାଗ ସୃଷ୍ଟି କରିଥିଲେ। ଏହି ବିଭାଗର ମନ୍ତ୍ରୀ ହେଲେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଓ ଶାସନ ସଚିବ ହେଲେ ଭି.ପି. ମେନନ । ସ୍ୱାଧୀନତା ଦିବସ ପୂର୍ବରୁ ଗଡ଼ଜାତ ସମସ୍ୟାର ସମାଧାନ ପାଇଁ ଭାରତ ସରକାର ତତ୍ପର ହୋଇ ଉଠିଲେ। ଭାରତର ଗଭର୍ଣ୍ଣର ଜେନେରାଲ ଲର୍ଡ଼ ମାଉଣ୍ଟବ୍ୟାଟେନ ଏ ସମ୍ପର୍କରେ ନିର୍ଣ୍ଣାୟକ ଭୂମିକା ନେଇ ପାରିବେ ବୋଲି ଏକ ଦୃଢ଼ ମତ ପ୍ରକାଶ ପାଇଲା। ସେହି ଆଶାରେ ଭାରତର ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଓ ଦେଶୀୟରାଜ୍ୟ ଦାୟିତ୍ୱରେ ଥିବା ମନ୍ତ୍ରୀ ସର୍ଦ୍ଦାର ପଟେଲ ୧୯୪୭ ଜୁଲାଇ ୯ ତାରିଖରେ




(ଦେଶୀୟ ରାଜ୍ୟ ସହିତ ଭାରତର ମାନଚିତ୍ର)

ମାଉଣ୍ଟବ୍ୟାଟେନଙ୍କୁ ଦେଶୀୟ ରାଜ୍ୟଗୁଡ଼ିକର ଶାସକମାନଙ୍କୁ ଠିକ୍ ଉପଦେଶ ଦେଇ ସେମାନଙ୍କୁ ଭାରତ ସହିତ ଏକ ସଂଘୀୟ ବ୍ୟବସ୍ଥାରେ ଅନୁବନ୍ଧିତ କରିବାକୁ ଅନୁରୋଧ କଲେ। ମହାତ୍ମାଗାନ୍ଧୀ ମଧ୍ୟ ମାଉଣ୍ଟବ୍ୟାଟେନଙ୍କୁ ସାକ୍ଷାତକଲେ ଓ ସ୍ୱାଧୀନତା ପାଇବା ବେଳକୁ ଭାରତ ଯେପରି ଶତଧା ବିଭକ୍ତ ନ ହୁଏ ସେଥିପ୍ରତି ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ଅନୁରୋଧ କଲେ। ମାଉଣ୍ଟବ୍ୟାଟେନ ଭାରତୀୟ ନେତୃବୃନ୍ଦଙ୍କର ଏହି ଅନୁରୋଧକୁ ଗମ୍ଭୀରତାର ସହିତ ଗ୍ରହଣ କଲେ ଓ ୧୯୪୭ ଜୁଲାଇ ୨୫ ତାରିଖରେ ରାଜନ୍ୟ ମଣ୍ଡଳର ଏକ ବୈଠକ ଡକାଇଲେ। ସମବେତ ଦେଶୀୟରାଜ୍ୟର ଶାସନକର୍ତ୍ତା ମାନଙ୍କୁ ସମ୍ବୋଧନ କଲାବେଳେ ସେ ସେମାନଙ୍କର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ସ୍ପଷ୍ଟ ସୂଚନା ଦେଲେ। ତାଙ୍କ ବକ୍ତବ୍ୟର ସାରମର୍ମ ଥିଲା ବ୍ରିଟିଶ ସର୍ବୋଚ୍ଚଶକ୍ତିର ଛତ୍ରଛାୟା ଅପସାରିତ ହେବାପରେ । ବସ୍ତୁତଃ ସେମାନେ ସ୍ୱାଧୀନ। ଏପରି ପରିସ୍ଥିତିରେ ଦେଶୀୟ ରାଜ୍ୟମାନେ ସେମାନଙ୍କ ସୀମାକୁ ଲାଗିଥିବା ଦେଶ ସହିତ ସମ୍ପର୍କ ବାନ୍ଧିବା ବିଧେୟ କାରଣ ଦେଶୀୟ ରାଜ୍ୟମାନଙ୍କରେ ବସବାସ କରୁଥିବା ପ୍ରଜାମାନେ ସେମାନଙ୍କର ସାମଗ୍ରିକ ଉନ୍ନତି ଚାହାନ୍ତି ଏବଂ ନବ ଗଠିତ ସ୍ୱାଧୀନ ରାଷ୍ଟ୍ର ସହିତ ମିଶି ସେମାନଙ୍କର ଭବିଷ୍ୟତର ସମୃଦ୍ଧି ଚାହାନ୍ତି ।

**ତୁମ ପାଇଁ କାମ**

***ଭାରତକୁ ଭାଇସରାୟ ଭାବେ ଆସିବା ପୂର୍ବରୁ ଲର୍ଡ଼ ମାଉଣ୍ଟବ୍ୟାଟେନ୍‌ଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କର ।***

କେଉଁ ସର୍ତ୍ତରେ ଦେଶୀୟ ରାଜାମାନେ ଭାରତ ସହିତ ସମ୍ପର୍କ ସ୍ଥାପନ କରିବେ, ସେ ସମ୍ବନ୍ଧରେ ପଟେଲ ଓ ମେନନ ଏକ ମିଳନ ପତ୍ର ପ୍ରସ୍ତୁତ କରିସାରିଥାନ୍ତି। ମିଳନ ପତ୍ରର ପ୍ରସ୍ତାବ ଅନୁଯାୟୀ ଦେଶୀୟ ରାଜ୍ୟମାନେ ଭାରତକୁ ତିନିଗୋଟି କ୍ଷମତା ହସ୍ତାନ୍ତର କରିବା ଆବଶ୍ୟକ ଥିଲା। ସେଗୁଡ଼ିକ ହେଲା ପ୍ରତିରକ୍ଷା, ବୈଦେଶିକ ବ୍ୟାପାର ଓ ଯୋଗାଯୋଗ। ଏହିସବୁ କ୍ଷମତା ହସ୍ତାନ୍ତର ପରେ ଦେଶୀୟ ରାଜାମାନେ ସ୍ୱାଧୀନ ଭାବରେ ସେମାନଙ୍କର ରାଜ୍ୟ ଶାସନ କରିପାରିବେ ବୋଲି ଉଲ୍ଲେଖ କରାଯାଇଥିଲା।

**ତୁମେ ଜାଣିଛ କି ?**

***ମିଳନ ପତ୍ର ବା ଇନ୍‌ଷ୍ଟ୍ରୁମେଣ୍ଟ ଅଫ୍ ଆକ୍‌ସେସନ ହେଉଛି ଏକ ବୈଧାନିକ ବା ଆଇନ ଅନୁମୋଦିତ ଦସ୍ତାବିଜ୍। ଏହି ଦସ୍ତାବିଜରେ ସ୍ୱାକ୍ଷରକାରୀ ଦ୍ୱୟ ଥିଲେ ଭାରତ ସରକାର ଓ ଦେଶୀୟ ରାଜା।***

ମାଉଣ୍ଟବ୍ୟାଟେନଙ୍କ ଭାଷଣରେ ଅନୁପ୍ରେରିତ ହୋଇ ଏବଂ ତାଙ୍କର ସତର୍କବାଣୀକୁ ଅନୁଧ୍ୟାନ କରି ଅନେକ ଦେଶୀୟ ରାଜ୍ୟ ଏହି ମିଳନ ପତ୍ରରେ ସ୍ୱାକ୍ଷର କଲେ। ସର୍ଦ୍ଦାର ପଟେଲ ମଧ୍ୟ ଅନେକ ଦେଶୀୟ ରାଜ୍ୟକୁ ଏପରି କରିବାକୁ ଅନୁପ୍ରାଣିତ କରିଥିଲେ। ଅଳ୍ପ କେତୋଟିକୁ ଛାଡ଼ିଦେଲେ ପ୍ରାୟ ସମସ୍ତ ଦେଶୀୟ ରାଜ୍ୟ ସ୍ୱାଧୀନତା ପୂର୍ବରୁ ଏହିପରି ମିଳନ ପତ୍ରରେ ସ୍ୱାକ୍ଷର କରିସାରିଥିଲେ। କେନ୍ଦ୍ରୀୟ ଭାରତର ପିପ୍ଲୋଦା ୧୯୪୮ ମାର୍ଚ୍ଚରେ ଏହି ମିଳନ ପତ୍ରରେ ସ୍ୱାକ୍ଷର କଲେ। ଯୋଧପୁର, ଜୁନାଗଡ଼, ହାଇଦ୍ରାବାଦ ଓ କାଶ୍ମୀର ଭାରତ ସହିତ ମିଳନ ପତ୍ରରେ ସ୍ୱାକ୍ଷର କଲେ ନାହିଁ।

ଯୋଧପୁରର ରାଜା ହନ୍ୱନ୍ତସିଂହ ମହମ୍ମଦ ଅଲ୍ଲୀ ଜିନ୍ନାଙ୍କ ସହ ହାତ ମିଳାଇ ପାକିସ୍ଥାନ ସହିତ ମିଶିଯିବାର ମସୁଧା କରୁଥିଲେ। ଯୋଧପୁର ଥିଲା ଏକ ହିନ୍ଦୁ ବହୁଳ ରାଜ୍ୟ। ଅନେକ ବୁଝାସୁଝାପରେ ଯୋଧପୁରର ରାଜା ଭାରତ ସହିତ ମିଳନ ପତ୍ରରେ ସ୍ୱାକ୍ଷର କଲେ। ହିନ୍ଦୁବହୁଳ ଜୁନାଗଡ଼ ରାଜ୍ୟର ମୁସଲିମ ନୱାବ ପାକିସ୍ଥାନ ସହିତ ଯୋଗଦେବାକୁ ଇଚ୍ଛାପ୍ରକାଶ କରି ସାମରିକ ଶକ୍ତି ପ୍ରଦର୍ଶନ କଲେ। ଜୁନାଗଡ଼ର ସୀମା ପାକିସ୍ଥାନ ସୀମା ସହିତ ସଂଲଗ୍ନ ହୋଇ ନ ଥିଲା। ଭାରତ ସରକାରଙ୍କ ଦ୍ୱାରା ଏଠାରେ ଗଣଭୋଟ ଅନୁଷ୍ଠିତ ହେଲା। ପ୍ରାୟ ଦୁଇ ଲକ୍ଷ ଭୋଟଦାତାଙ୍କ ମଧ୍ୟରୁ କେବଳ ନବେଜଣଙ୍କ ବ୍ୟତୀତ ଅନ୍ୟ ସମସ୍ତେ ଭାରତରେ ମିଶିବାକୁ ଇଚ୍ଛା ବ୍ୟକ୍ତ କଲେ। ନୱାବ ତାଙ୍କ ପରିବାର ସହିତ ପାକିସ୍ଥାନକୁ ପଳାୟନ କଲେ। ଜୁନାଗଡ଼ ଭାରତ ସହିତ ମିଶିଗଲା। ଜାମ୍ମୁ କାଶ୍ମୀରର ମହାରାଜା ହରିସିଂହ ହଠାତ୍ କୌଣସି ନିଷ୍ପତ୍ତି ନେଇପାରିଲେ ନାହିଁ। ସେ କାଶ୍ମୀରକୁ ସ୍ୱାଧୀନ ରଖିବାକୁ ମତ ପୋଷଣକଲେ। ତାଙ୍କର ଏହି ମତକୁ କାଶ୍ମୀରର ଲୋକପ୍ରିୟ ନେତା ଶେଖ ଅବଦୁଲ୍ଲା ପ୍ରତ୍ୟାଖ୍ୟାନ କଲେ। ପାକିସ୍ଥାନର



**(ଶେଖ ଅବଦୁଲ୍ଲା)**

ଲୋଲୁପଦୃଷ୍ଟି ଥିଲା କାଶ୍ମୀର ଉପରେ । ପାକିସ୍ଥାନର ପ୍ରରୋଚନା ଓ ସାହାଯ୍ୟରେ ଉତ୍ସାହିତ ହୋଇ ହଜାର ହଜାର 'ପଠାଣ' ଜନଜାତିର ଲୋକ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ ହୋଇ କାଶ୍ମୀରର ଅନେକ ଅଞ୍ଚଳ ଦଖଲ କରିନେଇ 'ଆଜାଦ କାଶ୍ମୀର' ଗଠନ କଲେ ଓ ଝେଲମ୍ ନଦୀଟପି ଶ୍ରୀନଗର ଆଡ଼କୁ ଅଗ୍ରସର ହେଲେ । ସେମାନଙ୍କ ସହିତ ନିୟମିତ ପାକିସ୍ଥାନୀ ସୈନ୍ୟମଧ୍ୟ ଏହି ଆକ୍ରମଣରେ ଭାଗନେଇଥିଲେ । ଏହାଥିଲା ପାକିସ୍ଥାନର 'ଅପରେସନ ଗୁଲମାର୍ଗ'ର ଅଂଶବିଶେଷ । 'ଅପରେସନ ଗୁଲମାର୍ଗ' କାଶ୍ମୀରକୁ ଦଖଲ କରିନେବା ପାଇଁ ଅଭିପ୍ରେତ ଥିଲା । ଆତ୍ମ ରକ୍ଷା ପାଇଁ ଅନ୍ୟ କୌଣସି ଉପାୟ ନ ପାଇ ରାଜା ହରିସିଂହ ଭାରତ ସରକାରଙ୍କୁ ସାମରିକ ସହାୟତା ପାଇଁ ଅନୁରୋଧ କଲେ । ତେବେ ସାମରିକ କାର୍ଯ୍ୟାନୁଷ୍ଠାନ ପୂର୍ବରୁ ତାଙ୍କୁ ଭାରତ ସରକାରଙ୍କ ସହ ଏକ ମିଳନ ପତ୍ର ସ୍ୱାକ୍ଷର କରିବାକୁ ପଡ଼ିଲା । ଜାମୁ ଓ କାଶ୍ମୀର ବୈଧାନିକ ରୂପେ ଭାରତର ଏକ ଅଂଶ ହୋଇଗଲା । ଭାରତୀୟ ସମ୍ବିଧାନକୁ ଜାମୁ କାଶ୍ମୀର ଗ୍ରହଣ କରିନେଲା । ତେବେ ଜାମୁ କାଶ୍ମୀର ପାଇଁ ଭାରତୀୟ ସମ୍ବିଧାନରେ ଏକ ବିଶେଷ ବ୍ୟବସ୍ଥା ରହିଲା । ଏହି ବିଶେଷ ବ୍ୟବସ୍ଥା ଭାରତୀୟ ସମ୍ବିଧାନର ୩୭୦ ଧାରାରେ ଉଲ୍ଲେଖ କରାଗଲା ।

***ତୁମ ପାଇଁ କାମ***

***ଜାମ୍ମୁ କାଶ୍ମୀର ପାଇଁ ପାକିସ୍ଥାନର ଆଗ୍ରହ- କାରଣଗୁଡ଼ିକର ସମୀକ୍ଷା କରି ତା'ର ଯୌକ୍ତିକତା ପ୍ରତିପାଦନ କର ।***

ହାଇଦରାବାଦ ଥିଲା ଏକ ହିନ୍ଦୁବହୁଳ ଦେଶୀୟ ରାଜ୍ୟ । ଏହାର ଶାସକ ନିଜାମ ଓସ୍‌ମାନ ଅଲ୍ଲୀ ଖାଁ ସ୍ୱାଧୀନ ରହିବାକୁ ଚାହିଁଲେ । ସୟଦ କାଶିମ୍ ରଜ୍‌ଭିଙ୍କ ନେତୃତ୍ୱରେ 'ରଜାକର" ନାମକ ଏକ ସଶସ୍ତ୍ର ସଂଗଠନ ନିଜାମଙ୍କୁ ସମର୍ଥନ କଲେ ଏବଂ ଭାରତ ସହିତ ମିଶିବାକୁ ଚାହୁଁଥିବା ଜନସାଧାରଣଙ୍କୁ ନୃଶଂସ ଭାବରେ ହତ୍ୟାକଲେ । ନିଜାମ ଆନ୍ତର୍ଜାତିକ କ୍ଷେତ୍ରରେ ତାଙ୍କର ସ୍ଥିତି ଜାହିର କରିବାକୁ ଚେଷ୍ଟା ଚଳାଇଲେ । ସର୍ଦ୍ଦାର ପଟେଲ ନିଜାମଙ୍କ ଭାରତ ବିରୋଧୀ କାର୍ଯ୍ୟକଳାପରେ କ୍ଷୁବ୍‌ଧ ହେଲେ । ହାଇଦ୍ରାବାଦ ଉପରେ 'ଅପରେସନ୍ ପୋଲୋ' ନାମକ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା । ୧୯୪୮ ସେପ୍ଟେମ୍ବର ୧୩ ରୁ ୫ ଦିନ ମଧ୍ୟରେ ହାଇଦ୍ରାବାଦ ଭାରତୀୟ ସୈନ୍ୟବହିନୀର ଅକ୍ତିଆରକୁ ଆସିଲା । ୧୯୪୯ ନଭେମ୍ବରରେ ହାଇଦ୍ରାବାଦର ନିଜାମ ମିଳନ ପତ୍ରରେ ସ୍ୱାକ୍ଷର କଲେ ।

## ମିଶ୍ରଣରୁ ସଂହତି :

ଇଂରେଜମାନେ ଭାରତକୁ ସ୍ୱାଧୀନତା ପ୍ରଦାନ କରି ଫେରିଯିବା ପରେ ଭାରତୀୟମାନଙ୍କୁ ସ୍ୱାଧୀନତାର ସୁଫଳ ପ୍ରଦାନ କରିବା, ଏବଂ ସର୍ବୋପରି ସମ୍ପୂର୍ଣ୍ଣ ଭାରତକୁ ଏକତ୍ରକରି ଏକ ଶକ୍ତିଶାଳୀ ସାର୍ବଭୌମ ରାଷ୍ଟ୍ରରେ ପରିଣତ କରିବା ଥିଲା ଭାରତ ସରକାରଙ୍କ ଦାୟିତ୍ୱ । ଭାରତର ନେତୃବୃନ୍ଦ ଓ ଜନସାଧାରଣ ଅନୁଭବ କଲେ ଯେ ଭାରତ ଭିତରେ ଯଦି ପାଞ୍ଚଶହରୁ ଉର୍ଦ୍ଧ୍ୱ ଦେଶୀୟ ରାଜା ସେମାନଙ୍କ ପୃଥକ ରାଜନୈତିକ ସ୍ଥିତି ଜାହିର୍ କରନ୍ତି ତା'ହେଲେ ଭାରତକୁ ଏକ ଶକ୍ତିଶାଳୀ ସାର୍ବଭୌମ ଦେଶରେ ପରିଣତ କରିବା ସମ୍ଭବ ହେବନହିଁ । ଦେଶୀୟ ରାଜ୍ୟମାନଙ୍କର ପ୍ରଜାମାନେ ମଧ୍ୟ ରାଜାମାନଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିବା ଆରମ୍ଭ କଲେ । ଅନେକ ଦେଶୀୟ ରାଜ୍ୟରେ ପ୍ରଜାମଣ୍ଡଳ ସକ୍ରିୟ ହୋଇ ଉଠିଲା ।

କେନ୍ଦ୍ର ସରକାର ଓ କଂଗ୍ରେସ ନେତୃବୃନ୍ଦ ଦେଶୀୟ ରାଜ୍ୟମାନଙ୍କରେ ଏହି ପ୍ରକାର ଶାସକ ବିରୋଧୀ ଜନ ଆନ୍ଦୋଳନଜନିତ ସୁଯୋଗ ହାତଛଡ଼ା କରିବାକୁ ଚାହିଁଲେ ନାହିଁ ।

*ତୁମେ ଜାଣିଛ କି ?*

*ପ୍ରଜାମଣ୍ଡଳ ହେଉଛି ଦେଶୀୟ ରାଜ୍ୟରେ ବସବାସ କରୁଥିବା ପ୍ରଜାମାନଙ୍କର ଏକ ସଂଗଠନ । ଏମାନେ ରାଜ୍ୟମାନଙ୍କର ଅନୀତି, ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରୁଥିଲେ । ଦେଶୀୟ ରାଜ୍ୟର ପ୍ରଜାମାନେ ଏପରି ଉତ୍ପୀଡ଼ିତ ଅବସ୍ଥାରେ ଥିଲେ ଯେ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେବା ଅବକାଶ ସେମାନଙ୍କର ନ ଥିଲା । ତେବେ କେତେକ ସ୍ଥାନରେ ସେମାନେ ଭାରତର ସ୍ୱାଧୀନତା ପାଇଁ ମଧ୍ୟ ଅଣ୍ଟା ଭିଡ଼ିଥିଲେ ।*

ମିଳନ ପତ୍ରରେ ଉଲ୍ଲେଖଥିବା ପ୍ରତିରକ୍ଷା, ବୈଦେଶିକ ବିଭାଗ ଓ ଯୋଗାଯୋଗକୁ ଛାଡ଼ି ଅନ୍ୟ ସମସ୍ତ କ୍ଷେତ୍ରରେ ଦେଶୀୟ ରାଜ୍ୟମାନଙ୍କୁ ସ୍ୱତନ୍ତ୍ର ସ୍ଥିତି ପ୍ରଦାନ କରିବାକୁ ଭାରତ ସରକାର ଅନୁବନ୍ଧିତ ଥିଲେ । କିନ୍ତୁ ଭାରତ ସରକାର ଅନୁଭବ କଲେ ଯେ ମିଳନ ନୁହେଁ ଅଧିଗ୍ରହଣ ଓ ସମ୍ପୂର୍ଣ୍ଣ ମିଶ୍ରଣ ହେଉଛି ଦେଶୀୟ ରାଜ୍ୟ ସମସ୍ୟାର ଏକମାତ୍ର ସମାଧାନ । ଦେଶୀୟ ରାଜ୍ୟମାନଙ୍କରେ ପ୍ରଜାଆନ୍ଦୋଳନ ଏ ଦିଗରେ ଭାରତ ସରକାରଙ୍କୁ ଅଧିକ ଉତ୍ସାହିତ କଲା । ଦେଶୀୟ ରାଜ୍ୟଗୁଡ଼ିକର ଭାରତ ସହିତ ସର୍ବାନ୍ତକରଣରେ ମିଶ୍ରଣ ପାଇଁ କ୍ଷେତ୍ର ପ୍ରସ୍ତୁତ ହେଲା । ସ୍ୱାଧୀନତା ପ୍ରାପ୍ତି ପରଠାରୁ ୧୯୫୦ ମସିହା ପର୍ଯ୍ୟନ୍ତ ଭାରତ ସରକାର ଦେଶୀୟ ରାଜ୍ୟଗୁଡ଼ିକୁ ଭାରତ ସହିତ ସର୍ବାନ୍ତକରଣରେ ମିଶାଇ ଦେଇ ସମସ୍ତ ଭାରତବାସୀଙ୍କୁ ଗୋଟିଏ ଗଣତାନ୍ତ୍ରିକ ସମ୍ବିଧାନର ପରିଧି ଭିତରକୁ ଆଣିବା ଦିଗରେ କାର୍ଯ୍ୟକଲେ । ଭାରତ ସରକାରଙ୍କ ଏହି କାର୍ଯ୍ୟର ନେତୃତ୍ୱ ନେଇଥିଲେ ତତ୍‌କାଳୀନ ଗୃହ ଓ ଦେଶୀୟ ରାଜ୍ୟସମୂହ ଦାୟିତ୍ୱରେ ଥିବା କେନ୍ଦ୍ରମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲ । ଏହି କାର୍ଯ୍ୟରେ ଓଡ଼ିଶାର ତତ୍‌କାଳୀନ ପ୍ରଧାନମନ୍ତ୍ରୀ ହରେକୃଷ୍ଣ ମହତାବ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଦେଶୀୟ ରାଜ୍ୟ ସମୂହ ବିଭାଗର ପ୍ରମୁଖ ସଚିବ ଭି.ପି. ମେନନଙ୍କର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ବସ୍ତୁତଃ ସେହିଁ ଥିଲେ ଦେଶୀୟ ରାଜ୍ୟ ମିଶ୍ରଣ କାର୍ଯ୍ୟର ପ୍ରଧାନ ଯୋଗସୂତ୍ର ।

ପ୍ରଥମେ ଛୋଟ ଛୋଟ ଦେଶୀୟ ରାଜ୍ୟମାନଙ୍କୁ ଭାରତ ସହିତ ସର୍ବାନ୍ତକରଣରେ ମିଶାଇ ଦିଆଯିବା ପାଇଁ ସ୍ଥିର ହେଲା ।



(ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ)

ଅବଶ୍ୟ ଭାରତ ସରକାରଙ୍କ ଏପରି କାର୍ଯ୍ୟ ମିଳନ ପତ୍ରର ବିରୋଧ କରୁଥିଲା । ମିଳନ ପତ୍ରରେ ଦେଶୀୟ ରାଜ୍ୟମାନଙ୍କର ସ୍ୱତନ୍ତ୍ର ସ୍ଥିତିକୁ ସ୍ୱୀକାର କରାଯାଇଥିଲା କିନ୍ତୁ ବର୍ତ୍ତମାନ ସେଗୁଡ଼ିକୁ ଭାରତ ସହିତ ମିଶାଇ ଦିଆଯିବା ପାଇଁ ନିଷ୍ପତ୍ତି ନିଆଗଲା । ପଟେଲ ଓ ମେନନ ଏପରି ପୂର୍ଣ୍ଣ ମିଶ୍ରଣ ସପକ୍ଷରେ କିଛି ଯୁକ୍ତି ଉପସ୍ଥାପନ କଲେ । ସେଗୁଡ଼ିକ ହେଲା

୧. ମିଶ୍ରଣ ନ ହେଲେ ରାଜ୍ୟମାନଙ୍କର ଆର୍ଥିକ ବ୍ୟବସ୍ଥା ଭୁଶୁଡ଼ି ପଡ଼ିବ,

୨. ରାଜ୍ୟମାନଙ୍କରେ ଗଣତନ୍ତ୍ର ପରିବର୍ତ୍ତେ ରାଜତନ୍ତ୍ର ଚାଲିଲେ ପ୍ରଜାମାନେ ବିଦ୍ରୋହ କରିବେ ଓ ଅରାଜକତା ବ୍ୟାପିଯିବ,

୩. ଅର୍ଥବ୍ୟବସ୍ଥା ଦୃଷ୍ଟିରୁ ଅତ୍ୟନ୍ତ ଦୁର୍ବଳଥିବା ରାଜ୍ୟମାନେ ସ୍ୱାଧୀନ ଭାବରେ କୌଣସି ଜନହିତକର କାର୍ଯ୍ୟ କରିପାରିବେ ନାହିଁ,

୪. ଭାରତ ଭିତରେ ଅବାଧ ବାଣିଜ୍ୟ ବ୍ୟବସାୟ ବାଧାପ୍ରାପ୍ତ ହେବ,

୫. ଅପରାଧୀମାନଙ୍କୁ ଦମନ କରିବା ସମ୍ଭବ ହେବନାହିଁ କାରଣ ସେମାନେ ଦେଶୀୟ ରାଜ୍ୟମାନଙ୍କରେ ଆତ୍ମଗୋପନ କରିବେ,

୬. ଏକ ପୂର୍ଣ୍ଣାଙ୍ଗ ରାଜନୀତିକ ଭାରତ ଗଠିତ ନ ହୋଇପାରିବା ଦ୍ୱାରା ଭାରତୀୟ ଜାତୀୟତା ବିଭିନ୍ନ ଭାବରେ ପ୍ରତିହତ ହେବ,

୭. ସ୍ୱାଧୀନ ଭାରତର ସୁଫଳ ଲୋକମାନଙ୍କୁ ମିଳିବ ନାହିଁ ।

ନେହେରୁ ଓ ପଟେଲ ଅଧିଗ୍ରହଣ କାର୍ଯ୍ୟକୁ ମାଉଣ୍ଟବ୍ୟାଟେନଙ୍କ କାର୍ଯ୍ୟକାଳ ସମାପ୍ତି ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ଇଚ୍ଛା ପ୍ରକଟ କରିଥିଲେ। କିନ୍ତୁ ଓଡ଼ିଶାର ନୀଳଗିରିରେ ଏକ ଜନଜାତି ଆନ୍ଦୋଳନ ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଦେଲା। ବସ୍ତୁତଃ ଭାରତ ସହିତ ଦେଶୀୟ ରାଜ୍ୟ ମିଶ୍ରଣ କାର୍ଯ୍ୟ ଓଡ଼ିଶାରୁ ହିଁ ଆରମ୍ଭ ହେଲା। ୧୯୪୭ ମସିହା ଡିସେମ୍ବର ମାସରେ ପୂର୍ବ ଭାରତ ଏଜେନ୍ସି ଓ ଛତିଶଗଡ଼ ଏଜେନ୍ସି ଅଧୀନସ୍ଥ ଦେଶୀୟ ରାଜାମାନେ ମିଶ୍ରଣ ଚୁକ୍ତିରେ ସ୍ୱାକ୍ଷର କଲେ ଏବଂ ସେମାନେ ଓଡ଼ିଶା, ମଧ୍ୟ ପ୍ରଦେଶ ଓ ବିହାର ସହିତ ୧୯୪୮ ମସିହା ଜାନୁଆରୀ ୧ ତାରିଖଠାରୁ ମିଶିଗଲେ। ସେହି ବର୍ଷ ଗୁଜୁରାଟ ଓ ଦକ୍ଷିଣରେ ଥିବା ୬୬ଟି ଦେଶୀୟ ରାଜ୍ୟ ତତ୍କାଳୀନ ବମ୍ବେ ପ୍ରଦେଶ ସହିତ ମିଶିଗଲା। କୋହ୍ଲାପୁର ଓ ବରୋଦା ଭଳି ଦୁଇଟି ବଡ଼ ରାଜ୍ୟ ମଧ୍ୟ ବମ୍ବେ ସହିତ ମିଶିଗଲେ। ଅନେକ ଛୋଟବଡ଼ ରାଜ୍ୟ ତତ୍କାଳୀନ ମାନ୍ଦ୍ରାଜ, ପୂର୍ବ ପଞ୍ଜାବ, ଉତ୍ତର ପ୍ରଦେଶ, ପଶ୍ଚିମ ବଙ୍ଗ ଓ ଆସାମ ପ୍ରଦେଶ ସହିତ ମିଶିଗଲେ। ପଞ୍ଜାବର ପାର୍ବତ୍ୟ ରାଜ୍ୟ ଏଜେନ୍ସିର ୩୦ଟି ରାଜ୍ୟକୁ ମିଶାଇ ହିମାଚଳ ପ୍ରଦେଶ ଗଠିତ ହେଲା।

## ମିଶ୍ରଣ ଚୁକ୍ତିର ସର୍ତ୍ତ :

ଏହି ମିଶ୍ରଣ ଚୁକ୍ତି (Merger Agreement) ଅନୁଯାୟୀ ଦେଶୀୟ ରାଜାମାନେ ଶାସନ ସମ୍ପର୍କିତ ସମସ୍ତ କ୍ଷମତା ସମ୍ପୂର୍ଣ୍ଣଭାବେ ଭାରତ ସରକାରଙ୍କୁ ହସ୍ତାନ୍ତର କଲେ। ଦେଶୀୟ ରାଜ୍ୟମାନଙ୍କର କୌଣସି ସ୍ୱତନ୍ତ୍ର ସ୍ଥିତି ରହିଲା ନାହିଁ। ରାଜ୍ୟ ହରାଇଥିବା ରାଜାମାନଙ୍କ ପାଇଁ ବାର୍ଷିକ ପେନସନ ବ୍ୟବସ୍ଥା କରାଗଲା । ଏହାକୁ ରାଜାଙ୍କ ହାତପାଣ୍ଠି ବୋଲି କୁହାଗଲା। ଏହି ପାଣ୍ଠି ରାଜ୍ୟରୁ ଆଦାୟ ହେଉଥିବା ରାଜସ୍ୱ ଭିତ୍ତିରେ ସ୍ଥିରୀକୃତ ହୋଇଥିଲା। ରାଜାମାନଙ୍କର ବ୍ୟକ୍ତିଗତ ସମ୍ପତ୍ତି, ରାଜପ୍ରାସାଦ ତଥା ପଦ ପଦବୀ ସେମାନଙ୍କ ପାଇଁ ସୁରକ୍ଷିତ ରହିଲା। ଏଗୁଡ଼ିକୁ ବଂଶାନୁକ୍ରମିକ ଭାବରେ ସେମାନଙ୍କର ବଂଶଧର ଭୋଗଦଖଲ କରିବେ ବୋଲି ସ୍ଥିର ହେଲା। ଦେଶୀୟ ରାଜ୍ୟର କର୍ମଚାରୀମାନଙ୍କୁ ପ୍ରାଦେଶିକ ସରକାରମାନେ ସେମାନଙ୍କ କର୍ମଚାରୀ ଭାବରେ ଗ୍ରହଣ କଲେ।

କେତେକ ଦେଶୀୟ ରାଜ୍ୟ 'ମିଶ୍ରଣ ଅଂଗୀକାରପତ୍ର' ରେ ସ୍ୱାକ୍ଷର କଲେ। ସେମାନଙ୍କୁ ମଧ୍ୟ ହାତପାଣ୍ଠି ସହିତ ଅନ୍ୟାନ୍ୟ ସୁବିଧାସୁଯୋଗ ପ୍ରଦାନ କରାଗଲା। ଏହି ପ୍ରକ୍ରିୟାରେ କଟିହାର ଉପଦ୍ୱୀପର ଦୁଇ ଶହ ବାଇଶଟି ରାଜ୍ୟକୁ ମିଶାଇ ସର୍ଦ୍ଦାର ପଟେଲ ୧୯୪୮ ମସିହା ଜାନୁଆରୀ ମାସରେ ସୌରାଷ୍ଟ୍ର ଦେଶୀୟ ରାଜ୍ୟ ସଂଘ ଗଠନ କଲେ। ପରେ ଏହି ସଂଘରେ ଆଉ ଛ'ଟି ରାଜ୍ୟ ଯୋଗଦେଲେ। ୧୯୪୮ ମସିହା ମେ ମାସରେ ଗୋୱାଲିଅର, ଇନ୍ଦୋର ଓ ଅଠରଟି ଛୋଟ ରାଜ୍ୟକୁ ନେଇ ମଧ୍ୟ ଭାରତ ଆତ୍ମ ପ୍ରକାଶ କଲା। ୧୯୪୮ ଜୁଲାଇରେ ପଟିଆଲା, କପୁରତାଲା, ଜିନ୍ଦ, ନାଭା, ଫରିଦକୋଟ, ମାଲେରକୋଟଲା, ନଲାରଗଡ଼ ଓ କଲସିଆକୁ ନେଇ ପୂର୍ବ ପଞ୍ଜାବ ରାଜ୍ୟ ସଂଘ ପ୍ରତିଷ୍ଠା ହେଲା। ୧୯୪୯ ମସିହା ମେ ମାସରେ ଅନେକ ଦେଶୀୟ ରାଜ୍ୟକୁ ସମ୍ମିଳିତ କରି ରାଜସ୍ଥାନ ମିଳିତ ପ୍ରଦେଶର ସୃଷ୍ଟି କରାଗଲା। ତ୍ରିବାଙ୍କୁଡ଼ ଓ କୋଚିନ ୧୯୪୯ର ମଧ୍ୟ ଭାଗରେ 'ମିଶ୍ରଣ ଅଂଗୀକାର' ପତ୍ରରେ ସ୍ୱାକ୍ଷର କଲେ। କେବଳ ତିନିଟି ଦେଶୀୟ ରାଜ୍ୟ ଯଥା କାଶ୍ମୀର, ମହୀଶୂର ଓ ହାଇଦ୍ରାବାଦ କୌଣସି ଚୁକ୍ତିପତ୍ରରେ ସ୍ୱାକ୍ଷର କରିନଥିଲେ।

## ଗଣତନ୍ତ୍ରୀକରଣ :

ମିଶ୍ରଣପରେ ଏହି ସବୁ ରାଜ୍ୟରେ ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ବ୍ୟବସ୍ଥା କରାଗଲା। ଦେଶୀୟ ରାଜ୍ୟର ପ୍ରଜାମାନଙ୍କୁ ସୁଶାସନ ପ୍ରଦାନ ପାଇଁ ପ୍ରାଦେଶିକ ସରକାରମାନେ ବିହିତ ବ୍ୟବସ୍ଥା ଗ୍ରହଣ କଲେ। ପ୍ରାଦେଶିକ ଶାସନର ଅନୁରୂପ ଶାସନ ରାଜ୍ୟମାନଙ୍କୁ ସମ୍ପ୍ରସାରଣ କରାଗଲା। କେନ୍ଦ୍ରୀୟ ଆଇନ ଓ ପ୍ରାଦେଶିକ ଆଇନ ଦେଶୀୟ ରାଜ୍ୟ ଗୁଡ଼ିକରେ ମଧ୍ୟ ପ୍ରଚଳନ କରାଗଲା। ସମୟକ୍ରମେ ଦେଶୀୟ ରାଜ୍ୟର ପ୍ରଜାମାନେ ମହାଭାରତୀୟ ଜାତୀୟ ସ୍ରୋତରେ ସାମିଲ ହୋଇଗଲେ।

ଗଣତନ୍ତ୍ରୀକରଣ ସହିତ ଦେଶୀୟ ରାଜ୍ୟଗୁଡ଼ିକୁ ସମୟକ୍ରମେ କେନ୍ଦ୍ରାଭିମୁଖୀ କରାଗଲା ଓ ସେମାନଙ୍କୁ ଭାରତୀୟ ସମ୍ବିଧାନର ପରିଧିମଧ୍ୟକୁ ଅଣାଗଲା ପରେ

୧୯୫୬ ମସିହାରେ ରାଜ୍ୟ ପୁନର୍ଗଠନ ଆଇନଦ୍ୱାରା ସେମାନଙ୍କୁ ରାଜ୍ୟମାନଙ୍କ ସହିତ ମିଶାଇ ଦିଆଗଲା ।

ଦେଶୀୟ ରାଜ୍ୟଗୁଡ଼ିକର ଭାରତ ସହିତ ମିଶ୍ରଣ ପ୍ରକ୍ରିୟାରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଅନେକ ଦୃଢ଼ ପଦକ୍ଷେପ ନେଇଥିଲେ । ତାଙ୍କର କୂଟନୈତିକ ପାରଦର୍ଶିତା, ଏବଂ ରାଜନୀତିକ ବିଚକ୍ଷଣତା ବଳରେ ଭାରତକୁ ଏକତ୍ର କରିବାରେ ତାଙ୍କର ସଫଳତା ଯୋଗୁଁ କେହି କେହି ତାଙ୍କୁ 'ଭାରତର ବିସ୍‌ମାର୍କ' ବୋଲି କହନ୍ତି । ତାଙ୍କର ବଳିଷ୍ଠ ନେତୃତ୍ୱ ଓ ଦୃଢ଼ ବ୍ୟକ୍ତିତ୍ୱ ଯୋଗୁଁ ତାଙ୍କୁ 'ଲୌହ ମାନବ'ର ଆଖ୍ୟା ଦିଆଯାଇଛି ।

**ତୁମେ ଜାଣିଛ କି ?**

*ଅଟୋ ଭନ ବିସ୍‌ମାର୍କ ଜର୍ମାନ ମାନଙ୍କୁ ଏକତ୍ର କରି ଜର୍ମାନୀ ରାଷ୍ଟ୍ର ଗଠନ କରିଥିଲେ ।*

❖ ❖ ❖

## ପ୍ରଶ୍ନାବଳୀ

**୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୬୦ ଗୋଟି ଶବ୍ଦରେ ଲେଖ ।**

(କ) ଲର୍ଡ଼ ମାଉଣ୍ଟବ୍ୟାଟେନ୍ କେବେ ଓ କାହିଁକି ରାଜନ୍ୟ ମଣ୍ଡଳୀର ବୈଠକ ଡକାଇଥିଲେ ଏବଂ ସେଠାରେ ସେ ଦେଶୀୟ ରାଜାମାନଙ୍କୁ ଭାରତ ସହିତ ମିଶିବା ପାଇଁ କିପରି ଅନୁପ୍ରାଣିତ କରିଥିଲେ ?

(ଖ) ମିଳନ ପତ୍ରରେ କ'ଣ ବ୍ୟବସ୍ଥା ଥିଲା ଏବଂ ଏହାକୁ ଦେଶୀୟ ରାଜାମାନେ କିପରି ଗ୍ରହଣ କଲେ ?

(ଗ) କେଉଁ ପରିସ୍ଥିତିରେ କାଶ୍ମୀରର ରାଜା ହରି ସିଂ ମିଳନ ପତ୍ରରେ ସ୍ୱାକ୍ଷର କଲେ ?

(ଘ) ପଟେଲ୍ ଓ ମେନନ୍ ପୂର୍ଣ୍ଣ ମିଶ୍ରଣ ସପକ୍ଷରେ କି କି ଯୁକ୍ତି ଉପସ୍ଥାପନ କଲେ ?

(ଙ) ମିଶ୍ରଣ ଚୁକ୍ତିର ସର୍ତ୍ତଗୁଡ଼ିକ କ'ଣ ଥିଲା ?

**୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୨୦ଟି ଶବ୍ଦରେ ଲେଖ ।**

(କ) ଭାରତର ସ୍ୱାଧୀନତା ପରେ ଦେଶୀୟ ରାଜ୍ୟଗୁଡ଼ିକର ଅବସ୍ଥା କିପରି ଥିଲା ?

(ଖ) ଭାରତ ସ୍ୱାଧୀନତା ଆଇନରେ ରାଜ୍ୟ ସମ୍ପର୍କରେ କି ବ୍ୟବସ୍ଥା ରହିଥିଲା ?

(ଗ) ଜୁନାଗଡ଼ ଦେଶୀୟ ରାଜ୍ୟ କିପରି ଭାରତରେ ମିଶିଲା ?

(ଘ) କିଏ ହାଇଦ୍ରାବାଦର ନିଜାମ୍ ଥିଲେ ଏବଂ କେଉଁ ସଂଗଠନ ତାଙ୍କୁ ସମର୍ଥନ କରିଥିଲା ?

(ଙ) ହାଇଦ୍ରାବାଦ କିପରି ଭାରତ ସହିତ ମିଶିଲା ?

(ଚ) ରାଜାଙ୍କ ହାତପାଣ୍ଠି କ'ଣ ଏବଂ ଏହା କିପରି ସ୍ଥିରୀକୃତ ହୋଇଥିଲା ?

(ଛ) ସର୍ଦ୍ଦାର ପଟେଲ୍ କିପରି ସୌରାଷ୍ଟ୍ର ଦେଶୀୟ ରାଜ୍ୟସଂଘ ଗଠନ କଲେ ?

(ଜ) ପୂର୍ବ ପଞ୍ଜାବ ରାଜ୍ୟସଂଘ କିପରି ଗଠିତ ହୋଇଥିଲା ?

(ଝ) କେଉଁ ରାଜ୍ୟଗୁଡ଼ିକ ଦେଶ ମିଶ୍ରଣ ଅଙ୍ଗୀକାରରେ ସ୍ୱାକ୍ଷର କରି ନଥିଲେ ?

(ଞ) ସର୍ଦ୍ଦାର ପଟେଲ୍‌ଙ୍କୁ କାହିଁକି ଭାରତର ବିସ୍‌ମାର୍କ ଓ ଲୌହ ମାନବ କୁହାଯାଏ ?

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

(କ) ଦେଶୀୟ ରାଜ୍ୟ ବିଭାଗ ସୃଷ୍ଟି ପରେ କିଏ ଏହାର ମନ୍ତ୍ରୀ ହେଲେ ?

(ଖ) ଭି.ପି. ମେନନ୍ କିଏ ଥିଲେ ?

(ଗ) ଦେଶୀୟ ରାଜ୍ୟଗୁଡ଼ିକର ମିଶ୍ରଣ ସମ୍ପର୍କରେ କେବେ ନେହେରୁ ଓ ପଟେଲ୍ ଲର୍ଡ଼ ମାଉଣ୍ଟବ୍ୟାଟେନ୍‌ଙ୍କୁ ସାକ୍ଷାତ କରିଥିଲେ ?

(ଘ) କିଏ ମିଳନ ପତ୍ର ପ୍ରସ୍ତୁତ କରିଥିଲେ ?

(ଙ) ଅନନ୍ତ ସିଂହ କିଏ ଥିଲେ ?

(ଚ) ଜାମ୍ମୁ-କାଶ୍ମୀର ରାଜାଙ୍କର ପ୍ରସ୍ତାବକୁ କିଏ ପ୍ରତ୍ୟାଖ୍ୟାନ କରିଥିଲେ ?

(ଛ) ଭାରତୀୟ ସମ୍ବିଧାନର କେଉଁ ଧାରାରେ ଜାମ୍ମୁ-କାଶ୍ମୀର ପାଇଁ ବିଶେଷ ବ୍ୟବସ୍ଥା ରହିଲା ?

(ଜ) ଅପରେସନ୍ 'ପୋଲୋ' କେଉଁ ଦେଶୀୟ ରାଜ୍ୟପାଇଁ ପ୍ରଯୁଜ୍ୟ ଥିଲା ?

(ଝ) ଦେଶୀୟ ରାଜ୍ୟ ମିଶ୍ରଣ କାର୍ଯ୍ୟ କେଉଁଠାରେ ଆରମ୍ଭ ହୋଇଥିଲା ?

(ଞ) ଓଡ଼ିଶାରୁ କିଏ ଦେଶୀୟ ରାଜ୍ୟ ମିଶ୍ରଣ କାର୍ଯ୍ୟରେ ପଟେଲଙ୍କୁ ସାହାଯ୍ୟ କରିଥିଲେ ?

**୪. ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ତା'ର କ୍ରମିକ ନମ୍ବର ସହିତ ଲେଖ।**

(କ) ସ୍ୱାଧୀନତା ପ୍ରାପ୍ତି ବେଳକୁ କିଏ ଭାରତର ପ୍ରଧାନମନ୍ତ୍ରୀ ଥିଲେ ?

(i) ଲର୍ଡ଼ ମାଉଣ୍ଟବ୍ୟାଟେନ୍ (ii) ଜବାହରଲାଲ ନେହେରୁ

iii) ମହମ୍ମଦ ଅଲ୍ଲୀ ଜୀନ୍ନା (iv) ବଲ୍ଲଭଭାଇ ପଟେଲ

(ଖ) ମିଳନ ପତ୍ରର ସର୍ତ୍ତ ଅନୁଯାୟୀ ଦେଶୀୟ ରାଜାମାନଙ୍କୁ କେଉଁ କ୍ଷମତା ଭାରତ ସରକାରଙ୍କୁ ହସ୍ତାନ୍ତର କରିବାକୁ ପଡୁଥିଲା ?

(i) ଗୃହ, ପ୍ରତିରକ୍ଷା ଓ ଅର୍ଥ

(ii) ବୈଦେଶିକ ବ୍ୟାପାର, ଯୋଗାଯୋଗ ଓ ଶିକ୍ଷା

(iii) ପ୍ରତିରକ୍ଷା, ବୈଦେଶିକ ବ୍ୟାପାର ଓ ଯୋଗାଯୋଗ

(iv) ପ୍ରତିରକ୍ଷା, ଗୃହ ଓ ବୈଦେଶିକ ବ୍ୟାପାର

(ଗ) କେଉଁ ଦେଶୀୟ ରାଜ୍ୟଟି ତତ୍‌କାଳୀନ ବମ୍ବେ ପ୍ରଦେଶ ସହିତ ମିଶି ଯାଇଥିଲା ?

(i) ଗୋଆଲିଅର୍ (ii) ଇଂଦୋର୍

(iii) କୋହ୍ଲାପୁର (iv) ନଲାରଗଡ଼

(ଘ) ପଞ୍ଜାବ ପାର୍ବତ୍ୟ ରାଜ୍ୟ ଏଜେନ୍‌ସିର କେତେ ଗୋଟି ରାଜ୍ୟକୁ ନେଇ ହିମାଚଳ ପ୍ରଦେଶ ଗଠିତ ହୋଇଥିଲା ?

(i) ୬୬ (ii) ୩୦ (iii) ୬ (iv) ୧୮

(ଙ) କେବେ ରାଜ୍ୟ ପୁନର୍ଗଠିତ ଆଇନ ପ୍ରବର୍ତ୍ତିତ ହେଲା ?

(i) ୧୯୪୭ (ii) ୧୯୪୮

(iii) ୧୯୪୯ (iv) ୧୯୫୬

**୫. ପାଠରେ ଦିଆଯାଇଥିବା "ତୁମ ପାଇଁ କାମ" ଗୁଡ଼ିକ ଶିକ୍ଷକଙ୍କ ନିର୍ଦ୍ଦେଶନା ଓ ସହାୟତାରେ ସମ୍ପାଦନ କର।**

❖ ❖ ❖

# ଦ୍ୱିତୀୟ ପାଠ

# ଓଡ଼ିଶା ସହିତ ଗଡ଼ଜାତ ରାଜ୍ୟମାନଙ୍କର ମିଶ୍ରଣ


ଭୌଗୋଳିକ ଦୃଷ୍ଟିକୋଣରୁ ବ୍ରିଟିଶ ଓଡ଼ିଶା ସୀମାସହ ମିଶିରହିଥିବା ଓଡ଼ିଆ ଭାଷାଭାଷୀ ଗଡ଼ଜାତ ମାନଙ୍କର ସଂଖ୍ୟା ଥିଲା ଛବିଶ। ଏହି ଗଡ଼ଜାତ ବା ଦେଶୀୟ ରାଜ୍ୟଗୁଡ଼ିକୁ ସେମାନଙ୍କର ଆୟତନ ଦୃଷ୍ଟିରୁ 'କ', 'ଖ' ଓ 'ଗ' ଭାବରେ ତିନି ଶ୍ରେଣୀରେ ବିଭକ୍ତ କରାଯାଇଥିଲା।

'କ' ଶ୍ରେଣୀଭୁକ୍ତ ଗଡ଼ଜାତଗୁଡ଼ିକର ସଂଖ୍ୟାଥିଲା ଏଗାର। ସେଗୁଡ଼ିକ ହେଲା (୧) ଢେଙ୍କାନାଳ (୨) କେନ୍ଦୁଝର (୩) ମୟୂରଭଞ୍ଜ (୪) ବାମଣ୍ଡା (୫) ବୌଦ (୬) ଗାଂଗପୁର (୭) ପାଟଣା (୮) କଳାହାଣ୍ଡି (୯) ସୋନପୁର (୧୦) ଷଢ଼େଇକଳା (୧୧) ନୟାଗଡ଼।

'ଖ' ଶ୍ରେଣୀ ଭୁକ୍ତ ବାରଟି ଗଡ଼ଜାତ ଥିଲେ (୧) ଆଠଗଡ଼ (୨) ବଡ଼ମ୍ବା (୩) ନରସିଂହପୁର (୪) ଆଠମଲ୍ଲିକ (୫) ହିନ୍ଦୋଳ (୬) ଦଶପଲ୍ଲା (୭) ଖଣ୍ଡପଡ଼ା (୮) ଖରସୁଆଁ (୯) ରେଢ଼ାଖୋଲ (୧୦) ତାଳଚେର (୧୧) ସମ୍ବଲପୁର (୧୨) ନୀଳଗିରି।

ଅନ୍ୟ ତିନୋଟି ଗଡ଼ଜାତ 'ଗ' ଶ୍ରେଣୀଭୁକ୍ତ ଥିଲା। ସେଗୁଡ଼ିକ ହେଲା (୧) ପାଲଲହଡ଼ା (୨) ତିଗିରିଆ (୩) ରଣପୁର।

ଏହି ଦେଶୀୟ ରାଜ୍ୟଗୁଡ଼ିକ ବ୍ରିଟିଶ ସର୍ବୋଚ୍ଚ ଶକ୍ତିର ଛତ୍ରଛାୟା ତଳେ ସୁରକ୍ଷିତ ଥିଲେ। ତେବେ ଏଥି ମଧ୍ୟରୁ ଅଧିକାଂଶ ଦେଶୀୟ ରାଜ୍ୟର ଶାସନ ପଦ୍ଧତି ତଥା ଆଭ୍ୟନ୍ତରୀଣ ସାମାଜିକ ଓ ଆର୍ଥନୀତିକ ଅବସ୍ଥା ଅତ୍ୟନ୍ତ ଦୟନୀୟ ଥିଲା। କୁଶାସନର ମାତ୍ରା ଏତେ ଅଧିକ ଥିଲା ଯେ ଗଡ଼ଜାତର ପ୍ରଜାମାନେ ଅତି ଦୁଃଖ ଓ ହତାଶ ଭିତରେ କାଳାତିପାତ କରୁଥିଲେ। ସେମାନଙ୍କର ନିଜସ୍ୱ ସମସ୍ୟା ଏତେ ଅଧିକ ଥିଲା ଯେ ଗଡ଼ଜାତ ପରିଧି ବାହାରେ ଚାଲୁଥିବା ଜାତୀୟ ସ୍ୱାଧୀନତା ସଂଗ୍ରାମର ବାର୍ତ୍ତା ସେମାନଙ୍କୁ ସ୍ପର୍ଶ କରିପାରି ନ ଥିଲା। ରାଜା, ରାଜପ୍ରତିନିଧି ଓ ରାଜ କର୍ମଚାରୀମାନେ ବିଭିନ୍ନ ଭାବରେ ପ୍ରଜାମାନଙ୍କୁ ଶୋଷଣ କରୁଥିଲେ।



(ଓଡ଼ିଶା ସହିତ ୨୬ଟି ଗଡ଼ଜାତର ମାନଚିତ୍ର)

ଦେଶୀୟ ରାଜ୍ୟମାନଙ୍କରେ ବେଠି, ବେଗାରୀ, ମାଗଣ, ରସଦ ଓ ଭେଟି ପ୍ରଭୃତି ପ୍ରଜା ମାରଣ ପ୍ରଥାର ପ୍ରଚଳନ ଥିଲା। ଏହିସବୁ ପ୍ରଥା ଯୋଗୁଁ ପ୍ରଜାମାନଙ୍କୁ ରାଜା ବା ରାଜକର୍ମଚାରୀମାନଙ୍କ ପାଇଁ ଶ୍ରମଦାନ ବା ଅର୍ଥଦାନ ବା ଦ୍ରବ୍ୟଦାନ କରିବାକୁ ପଡୁଥିଲା। ରାସ୍ତା, ରାଜପ୍ରସାଦ ପ୍ରଭୃତି ନିର୍ମାଣ ପାଇଁ ପ୍ରଜାମାନେ ବିନା ପାରିଶ୍ରମିକରେ କରୁଥିବା ଶ୍ରମଦାନକୁ ବେଠି କୁହାଯାଉଥିଲା। ଗୋଟିଏ ଶିବିରରୁ ଅନ୍ୟ ଶିବିରକୁ ରାଜା ବା ରାଜକର୍ମଚାରୀମାନଙ୍କୁ ବିନା ପାଉଣାରେ ପାଲିଙ୍କି ନା ସବାରୀରେ ବୋହିବା ପ୍ରଥାକୁ ବେଗାରୀ କୁହାଯାଉଥିଲା। ରାଜକୀୟ ବିବାହ ଓ ଅନ୍ୟାନ୍ୟ ଉତ୍ସବ ସମୟରେ ପ୍ରଜାମାନେ ଅର୍ଥ ଓ ଦ୍ରବ୍ୟ ଆକାରରେ ଉପହାର ଦେୟ ପ୍ରଦାନ କରିବା ପ୍ରଥାକୁ ମାଗଣ କୁହାଯାଉଥିଲା। ରାଜା ଓ ରାଜକର୍ମଚାରୀମାନଙ୍କ ମଫସଲ ଗସ୍ତ ସମୟରେ ସେମାନଙ୍କ ଶିବିରରେ ମାଗଣା ଖାଦ୍ୟପେୟର ବନ୍ଦୋବସ୍ତ

କରିବା ପ୍ରଥାକୁ ରସଦ କୁହାଯାଉଥିଲା। ପର୍ବପର୍ବାଣି ବା ବିବାହ ସମୟରେ ରାଜଉଆସକୁ ଉପହାର ପଠାଇବା ପ୍ରଥାକୁ ଭେଟି କୁହାଯାଉଥିଲା।

> *ତୁମେ ଜାଣିଛ କି ?*
>
> *ଯେଉଁ ରଚନାଗୁଡ଼ିକ ଗଡ଼ଜାତ ରାଜ୍ୟଗୁଡ଼ିକର ଅବସ୍ଥା କଥା ଲୋକଲୋଚନକୁ ଆଣିଲେ ସେଗୁଡ଼ିକ ମଧ୍ୟରେ ପ୍ରମୁଖ ଥିଲା ହେନେରୀ ରିକେଟଙ୍କ "ରିପୋର୍ଟସ୍ ଅନ୍ ଦି ଡିଷ୍ଟ୍ରିକ୍ଟସ୍ ଅଫ ମିଦିନାପୁର ଏଣ୍ଡ କଟକ", କହ୍ନେଇଲାଲ ଚୌବେଙ୍କ "ପ୍ୟାଥୋଲଜି ଅଫ ପ୍ରିନ୍ସ", ଘନଶ୍ୟାମ ମହାନ୍ତିଙ୍କ କବିତା ପୁସ୍ତକ ଦଶହରା ଭେଟି ଓ ବ୍ରଜକିଶୋର ଧଳଙ୍କ କବିତା ଭୁଲିବୁ ନାହିଁ।*

### ଗଡ଼ଜାତ ଶାସନ ବିରୋଧରେ ପ୍ରଜା ଆନ୍ଦୋଳନ :

ଓଡ଼ିଶା ଗଡ଼ଜାତରେ ଚାଲିଥିବା କୁଶାସନ, ଶୋଷଣ, ଅତ୍ୟାଚାର ବିରୋଧରେ ଗଡ଼ଜାତ ପ୍ରଜାମାନେ ୧୯୨୨ରେ ସ୍ୱର ଉତ୍ତୋଳନ କରିବା ଆରମ୍ଭ କଲେ। ଏହି ପ୍ରଜା ଆନ୍ଦୋଳନ ଢେଙ୍କାନାଳରେ ଆରମ୍ଭ ହୋଇଥିଲା। ୧୯୨୮ରେ ନୀଳଗିରିରେ ପ୍ରଜା ବିଦ୍ରୋହ ଆରମ୍ଭ ହେଲା। ୧୯୩୦ରେ ବୌଦରେ ଓ ୧୯୩୨ରେ ତାଳଚେରରେ ପ୍ରଜା ଆନ୍ଦୋଳନ ଆରମ୍ଭ ହେଲା। ୧୯୩୧ ଜୁନ ୨୦ ତାରିଖ ଦିନ କଟକଠାରେ ଓଡ଼ିଶା ଗଡ଼ଜାତ ପ୍ରଜା ସମ୍ମିଳନୀର ପ୍ରଥମ ଅଧିବେଶନ ଭୁବନାନନ୍ଦ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେଲା। ପ୍ରଜା ସମ୍ମିଳନୀର ଦ୍ୱିତୀୟ ଅଧିବେଶନ ମଧ୍ୟ କଟକରେ ୧୯୩୭ ଜୁନ ୨୩ ତାରିଖରେ ଅନୁଷ୍ଠିତ ହୋଇଥିଲା। ଏହି ଅଧିବେଶନର ସଭାପତି ଥିଲେ ପଟ୍ଟାଭି ସୀତାରାମାୟା ଏବଂ ଆବାହକ ଥିଲେ ସାରଙ୍ଗଧର ଦାସ।

୧୯୩୭ ମସିହାରେ ଗଡ଼ଜାତ ପ୍ରଜାମାନଙ୍କର ଆନ୍ଦୋଳନାତ୍ମକ କାର୍ଯ୍ୟ ଭାରତୀୟ ଜାତୀୟ କଂଗ୍ରେସର ସମର୍ଥନ ଲାଭକଲା। ୧୯୩୮ ମସିହାରେ ସାରଙ୍ଗଧର ଦାସଙ୍କ ନେତୃତ୍ୱରେ ନୀଳଗିରିରେ ପ୍ରଜାମଣ୍ଡଳ ଗଠିତ ହେଲା। ୧୯୩୮ରେ ଢେଙ୍କାନାଳରେ ଓ ୧୯୩୯ରେ ତାଳଚେରରେ ପ୍ରଜାମଣ୍ଡଳ ଆନ୍ଦୋଳନ ଆରମ୍ଭ ହେଲା। ପରେ ପରେ ଏହି ପ୍ରଜାମଣ୍ଡଳ ଆନ୍ଦୋଳନ ଗାଙ୍ଗପୁର, ରଣପୁର, ନୟାଗଡ଼, ବଣାଇ, ସୋନପୁର, ମୟୂରଭଞ୍ଜ, ପାଟଣା ଓ କଳାହାଣ୍ଡିକୁ ସଂପ୍ରସାରିତ ହେଲା। ନୀଳଗିରି, ଢେଙ୍କାନାଳ, ତାଳଚେର ଓ ରଣପୁରରେ ପ୍ରଜା ଆନ୍ଦୋଳନ ବିରାଟ ଆକାର ଧାରଣ କରିଥିଲା ।

### ପ୍ରଜାମଣ୍ଡଳ ଆନ୍ଦୋଳନର ମୁଖ୍ୟ ଦାବିଗୁଡ଼ିକ ଥିଲା—

୧. ବେଠି, ବେଗାରୀ, ମାଗଣ, ରସଦ ଓ ଭେଟି ପ୍ରଭୃତି ଅନ୍ୟାୟ ପ୍ରଥାକୁ ବନ୍ଦକରିବା,

୨. ପ୍ରଜାମାନଙ୍କୁ ଅଭିବ୍ୟକ୍ତିର ଅଧିକାର, ଗଣ ମାଧ୍ୟମର ସ୍ୱାଧୀନତା ଅଧିକାର, ସଂଘ ଗଠନ କରିବାର ଅଧିକାର ପ୍ରଭୃତି ମୌଳିକ ନାଗରିକ ଅଧିକାର ପ୍ରଦାନ କରିବା,

୩. ଚାଷଜମି ଉପରେ ରୟତର ଅଧିକାର ସମ୍ପର୍କିତ ସ୍ପଷ୍ଟ ନିୟମ ପ୍ରଚଳନ କରିବା,

୪. ଜଙ୍ଗଲଜାତ ଦ୍ରବ୍ୟର ସୁବିନିଯୋଗ ଓ ଆଦିବାସୀ ଜନଜାତିମାନଙ୍କୁ ଜଙ୍ଗଲଜାତ ଦ୍ରବ୍ୟ ଉପଯୋଗ କରିବାର ଅଧିକାର ପ୍ରଦାନ କରିବା,

୫. ଏକଚାଟିଆ ବାଣିଜ୍ୟ କାରବାରକୁ ବନ୍ଦ କରିବା।

ଗଡ଼ଜାତମାନଙ୍କରେ ପ୍ରଜାମଣ୍ଡଳ ଆନ୍ଦୋଳନ ଚାଲୁଥିବାବେଳେ, ଓଡ଼ିଆ ଗଡ଼ଜାତମାନଙ୍କରେ ଶାସନବ୍ୟବସ୍ଥା କାର୍ଯ୍ୟକାରିତାର ତଦନ୍ତ କରିବାପାଇଁ ୧୯୩୮ ମସିହାରେ ଓଡ଼ିଶା ଗଡ଼ଜାତ ତଦନ୍ତ କମିଟି ପୁନର୍ଗଠିତ ହେଲା। ହରେକୃଷ୍ଣ ମହତାବ ଏହାର ଅଧ୍ୟକ୍ଷ ରହିଲେ। ଏହି କମିଟିରେ ସମ୍ପାଦକ ଥିଲେ ସାରଙ୍ଗଧର ଦାସ ଏବଂ ଅନ୍ୟ ଦୁଇ ଜଣ ସଭ୍ୟଥିଲେ ଲାଲ୍ ମୋହନ ପଟ୍ଟନାୟକ ଓ ବଳବନ୍ତରାୟ ମେହେଟ୍ଟା । ୧୯୩୯ ମସିହାରେ କମିଟି ତାଙ୍କର ବିବରଣୀ ପ୍ରକାଶ କଲେ। ଏଥିରେ ଗଡ଼ଜାତମାନଙ୍କରେ ଚାଲୁଥିବା କୁଶାସନର ସ୍ପଷ୍ଟ ଚିତ୍ର ସ୍ଥାନ ପାଇଥିଲା। ପ୍ରଜାମାନଙ୍କ ଦୁଃଖଦୁର୍ଦ୍ଦଶା ଓ ଗଡ଼ଜାତମାନଙ୍କର ଅରାଜକତା ବିଷୟରେ କମିଟି ତାଙ୍କ ବିବରଣୀରେ ଉଲ୍ଲେଖ କରିଥିଲେ। ଗଡ଼ଜାତମାନଙ୍କରେ ବିଧିବ୍ୟବସ୍ଥାର ପୁନଃପ୍ରଚଳନ ଓ ପ୍ରଜାମାନଙ୍କର ଦୁଃଖ ଲାଘବ ନିମନ୍ତେ କମିଟି

କେତୋଟି ପ୍ରସ୍ତାବ ମଧ୍ୟ ଦେଇଥିଲେ। ଗଡ଼ଜାତ ଶାସନ ଉପରେ ଅଧୀକ୍ଷଣ କ୍ଷମତା ବ୍ରିଟିଶ ରାଜପ୍ରତିନିଧିଙ୍କ ହାତରୁ ଆଣି ଓଡ଼ିଶା ସରକାରଙ୍କ ହାତରେ ନ୍ୟସ୍ତ କରାଯିବା ଥିଲା କମିଟିର ମୁଖ୍ୟ ପ୍ରସ୍ତାବ। ମହତାବ କମିଟିର ଏହି ବିବରଣୀକୁ ଓଡ଼ିଶା ସହିତ ଓଡ଼ିଆ ଭାଷାଭାଷୀ ଗଡ଼ଜାତ ମିଶ୍ରଣର ପ୍ରାଥମିକ ସୂଚନା ବୋଲି ଗ୍ରହଣ କରାଯାଏ।



(ହରେକୃଷ୍ଣ ମହତାବ)

କେବଳ ବିବରଣୀ ପ୍ରସ୍ତୁତ କରି ଓ କିଛି ପ୍ରସ୍ତାବ ଦେଇ ହରେକୃଷ୍ଣ ମହତାବ ନୀରବ ରହିଲେ ନାହିଁ। ୧୯୩୯ ମସିହା ଅଗଷ୍ଟ ମାସରେ ସେ ଭାରତର ଭାଇସ୍‌ରାୟ ଲର୍ଡ ଲିନ୍‌ଲିଥ୍‌ଗୋଙ୍କୁ ସାକ୍ଷାତ କରି ଓଡ଼ିଶା ଗଡ଼ଜାତର ବ୍ୟବସ୍ଥା ସମ୍ପର୍କରେ ଅବଗତ କଲେ ଓ ଗଡ଼ଜାତ ଶାସନ ବ୍ୟବସ୍ଥା ସୁଧାରିବାପାଇଁ ଓଡ଼ିଶାର ପ୍ରାଦେଶିକ ସରକାରଙ୍କ ହସ୍ତକ୍ଷେପ ଜରୁରୀ ବୋଲି ତାଙ୍କୁ ବୁଝାଇଲେ। ଲିନଲିଥ୍‌ଗୋ ମହତାବଙ୍କ ଆଭିମୁଖ୍ୟକୁ ସମର୍ଥନ କଲେ ଏବଂ ଓଡ଼ିଶା ପ୍ରଦେଶ ଓ ଗଡ଼ଜାତମାନଙ୍କ ମଧ୍ୟରେ କୌଣସି ଭୌଗୋଳିକ ସୀମା ନାହିଁ ବୋଲି କହିଲେ। ଏହି ବିଷୟରେ ମହତାବ ୧୯୪୨ ମସିହାରେ ସାର ଷ୍ଟାଫୋର୍ଡ଼ କ୍ରିପସ୍‌ଙ୍କୁ ମଧ୍ୟ ସାକ୍ଷାତ କରିଥିଲେ। ୧୯୪୬ ମସିହା ଏପ୍ରିଲ୍ ୬ ତାରିଖରେ ଗଡ଼ଜାତ ମିଶ୍ରଣ ସପକ୍ଷରେ ଯୁକ୍ତି ବାଢ଼ିବା ପାଇଁ ସେ କ୍ୟାବିନେଟ ମିଶନକୁ ସାକ୍ଷାତ କରିଥିଲେ। ସେତେବେଳକୁ ହରେକୃଷ୍ଣ ମହତାବ ଓଡ଼ିଶାରେ ଦ୍ୱିତୀୟ କଂଗ୍ରେସ ମନ୍ତ୍ରିମଣ୍ଡଳରେ ପ୍ରଧାନମନ୍ତ୍ରୀ ହେବାକଥା ସ୍ଥିର ହୋଇଥାଏ। କ୍ୟାବିନେଟ ମିଶନକୁ ଓଡ଼ିଶା କଂଗ୍ରେସ କମିଟି ତରଫରୁ ଦିଆଯାଇଥିବା ସ୍ମାରକ ପତ୍ରରେ ଓଡ଼ିଆ ଭାଷାଭାଷୀ ଛବିଶଟି ଗଡ଼ଜାତକୁ ଓଡ଼ିଶା ପ୍ରଦେଶ ସହିତ ସର୍ବାନ୍ତକରଣରେ ମିଶାଇ ଦିଆଯିବା ପାଇଁ ସ୍ପଷ୍ଟ ଭାବରେ ଉଲ୍ଲେଖ କରାଯାଇଥିଲା। କ୍ୟାବିନେଟ ମିଶନ ମଧ୍ୟ ମହତାବଙ୍କର ଏହି ମିଶ୍ରଣ ଆଭିମୁଖ୍ୟ ଦ୍ୱାରା ପ୍ରଭାବିତ ହୋଇଥିଲେ। ଏ ବିଷୟରେ ମହତାବ ଗଡ଼ଜାତ ରାଜାମାନଙ୍କ ପାଖକୁ ୧୯୪୬ ମସିହାର ମେ ୧୦ ତାରିଖରେ ଓ ଜୁନ୍ ୨୯ ତାରିଖରେ ଦୁଇଥର ଚିଠି ଲେଖିଥିଲେ। ମହତାବଙ୍କ ଗଡ଼ଜାତ ମିଶ୍ରଣ ପ୍ରସ୍ତାବ ରାଜାମାନଙ୍କର ପସନ୍ଦ ହେଲାନାହିଁ ଓ ସେମାନେ ପ୍ରକାଶ୍ୟରେ ଏହାର ବିରୋଧ କଲେ। କଳାହାଣ୍ଡିର ମହାରାଜା ହରେକୃଷ୍ଣ ମହତାବଙ୍କୁ 'ପର୍ଶୁରାମ' ଆଖ୍ୟା ଦେଲେ।

***ତୁମେ ଜାଣିଛ କି ?***

***ପର୍ଶୁରାମ ଥିଲେ ଜଣେ ପୌରାଣିକ ମହାନାୟକ। ଧରାପୃଷ୍ଠାରୁ କ୍ଷତ୍ରିୟମାନଙ୍କୁ ନିପାତ କରିବା ପାଇଁ ସେ ଅସ୍ତ୍ର ଧାରଣ କରିଥିଲେ। ସେ ଥିଲେ ବ୍ରାହ୍ମଣ, ମହାଭାରତର ଯୋଦ୍ଧା କର୍ଣ୍ଣଙ୍କୁ ସେ ଯୁଦ୍ଧ ବିଦ୍ୟା ଶିକ୍ଷା ଦେଇଥିଲେ।***

'ମିଶ୍ରଣ' ଶବ୍ଦଟି ଓଡ଼ିଶା ଗଡ଼ଜାତ ରାଜାମାନଙ୍କ ପାଇଁ ଶ୍ରୁତିକଟୁ ଥିଲା। ମହାତାବଙ୍କର ଏହି ଯୋଜନାକୁ ପଣ୍ଡ କରିବାକୁ ଯାଇ ଓଡ଼ିଶା ଓ ଛତିଶଗଡ଼ର ଅଣଚାଳିଶଟି ଦେଶୀୟ ରାଜା "ପୂର୍ବାଞ୍ଚଳ ଗଡ଼ଜାତ ସଂଘ" ନାମରେ ଏକ ସଂଗଠନ ଆରମ୍ଭ କଲେ। ଏହା ୧୯୪୭ ମସିହା ଅଗଷ୍ଟ ୧ ତାରିଖଠାରୁ କାର୍ଯ୍ୟକ୍ଷମ ହେଲା।

୧୯୪୭ ଅଗଷ୍ଟ ୧୦ ତାରିଖ ଦିନ ପ୍ରଜାମଣ୍ଡଳର ଏକ ସମ୍ମିଳନୀ କଟକ ଠାରେ ଆହୂତ ହେଲା। ଏହି ସମ୍ମିଳନୀରେ ଛତିଶଗଡ଼ ଓ ଓଡ଼ିଶାରେ ଥିବା ଗଡ଼ଜାତ ମାନଙ୍କରୁ ଅନେକ ପ୍ରଜା ଯୋଗ ଦେଇଥିଲେ। ଏହାର ପାଞ୍ଚ ଦିନ ପରେ ଭାରତ ସ୍ୱାଧୀନ ହେବାର ଥିଲା। ଏହି ପୃଷ୍ଠଭୂମିରେ ମୁଖ୍ୟତଃ ଗଡ଼ଜାତମାନଙ୍କର ଭବିଷ୍ୟତ ସମ୍ବନ୍ଧରେ ସମ୍ମିଳନୀରେ ଆଲୋଚନା ହେଲା। ଓଡ଼ିଶାରେ ଥିବା ଗଡ଼ଜାତଗୁଡ଼ିକୁ ଓଡ଼ିଶା ସହିତ ମିଶାଇବା ଥିଲା ଏହି ସମ୍ମିଳନୀର ମୁଖ୍ୟ ପ୍ରସ୍ତାବ।

**ତୁମ ପାଇଁ କାମ**

***ଗଡ଼ଜାତ ମିଶ୍ରଣ ଏବଂ ଅନ୍ୟାନ୍ୟ ବିଷୟରେ ହରେକୃଷ୍ଣ ମହତାବ ରଚନା କରିଥିବା ଇଂରାଜୀ ଓ ଓଡ଼ିଆ ପୁସ୍ତକଗୁଡ଼ିକ ନାମର ଏକ ତାଲିକା ପ୍ରସ୍ତୁତ କର ।***

ସ୍ୱାଧୀନତା ପ୍ରାପ୍ତିପରେ ଓଡ଼ିଶାର ତତ୍‌କାଳୀନ ପ୍ରଧାନମନ୍ତ୍ରୀ ହରେକୃଷ୍ଣ ମହତାବ ଓଡ଼ିଆ ଭାଷାଭାଷୀ ଗଡ଼ଜାତମାନଙ୍କର ରାଜାମାନଙ୍କୁ ୧୯୪୭ ଅକ୍ଟୋବର ୧୬ରେ ସମ୍ବଲପୁରଠାରେ ଅନୁଷ୍ଠିତ ହେବାକୁଥିବା ସମ୍ମିଳନୀକୁ ନିମନ୍ତ୍ରଣ କଲେ । ଓଡ଼ିଶାର ଶାନ୍ତି ଶୃଙ୍ଖଳା, ପ୍ରାଶାସନିକ ସୁବିଧା ଓ ସାମୂହିକ ପ୍ରଗତି ପାଇଁ ଦେଶୀୟ ରାଜ୍ୟଗୁଡ଼ିକ ସର୍ବାନ୍ତକରଣରେ ଓଡ଼ିଶା ପ୍ରଦେଶ ସହିତ ମିଶିଯିବା ଉଚିତ ବୋଲି ଏହି ସମ୍ମିଳନୀରେ ମହତାବ ଯୁକ୍ତି ଉପସ୍ଥାପନ କରିଥିଲେ । କିନ୍ତୁ ଓଡ଼ିଶା ସହିତ ମିଶିଯିବାକୁ ମହତାବଙ୍କର ନିବେଦନ ପ୍ରତି ରାଜାମାନେ କର୍ଣ୍ଣପାତ କଲେ ନାହିଁ । ବୋଧହୁଏ ପ୍ରଜାମଣ୍ଡଳ ଆନ୍ଦୋଳନର ପରିଣାମ ଓ ସମୟର ପରିବର୍ତ୍ତିତ ଆହ୍ୱାନ ସମ୍ପର୍କରେ ସେମାନେ ଠିକ୍ କଳନା କରିନଥିଲେ ।

## ନୀଳଗିରିରୁ ଗଡ଼ଜାତ ମିଶ୍ରଣ ପ୍ରକ୍ରିୟା ଆରମ୍ଭ :

ଯେତେବେଳେ ନେହେରୁ, ସର୍ଦ୍ଦାର ପଟେଲ ଓ ଭି.ପି. ମେନନ ଦେଶୀୟ ରାଜ୍ୟ ମିଶ୍ରଣ ପ୍ରକ୍ରିୟା ଆରମ୍ଭ କରିବାପାଇଁ ସମୟ ଓ ସୁଯୋଗର ଅପେକ୍ଷାରେ ଥିଲେ, ନୀଳଗିରିର ଘଟଣା ପ୍ରବାହ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲା ।

**ତୁମେ ଜାଣିଛ କି ?**

***ନୀଳଗିରିର କ୍ଷେତ୍ରଫଳ ଥିଲା ୨୮୪ ବର୍ଗ ମାଇଲ ଓ ଜନସଂଖ୍ୟାଥିଲା ୭୩୧୦୯ । ଏହାର ଜନସଂଖ୍ୟାର ୧୫ ପ୍ରତିଶତ ଥିଲେ ଜନଜାତି ।***

ନୀଳଗିରିରେ ପ୍ରଜାମଣ୍ଡଳ ଯଥେଷ୍ଟ ସକ୍ରିୟ ଥିଲା । ଆନ୍ଦୋଳନକୁ ଦମନ କରିବାପାଇଁ ନୀଳଗିରି ରାଜା ତାଙ୍କର ପୋଲିସବାହିନୀକୁ ଶକ୍ତିଶାଳୀ କଲେ । ଗୁର୍ଖାମାନଙ୍କୁ ପୋଲିସ ବାହିନୀରେ ନିଯୁକ୍ତି ଦିଆଗଲା । ପ୍ରଜାମଣ୍ଡଳ ଆନ୍ଦୋଳନରେ ଯୋଗଦାନ କରିଥିବା ଲୋକମାନଙ୍କର ଘରଦ୍ୱାର ପୋଡ଼ି ସେମାନଙ୍କର ଧନସମ୍ପତ୍ତି ଲୁଣ୍ଠନ କରିବାକୁ ନୀଳଗିରି ରାଜା ସରଳ ଆଦିବାସୀମାନଙ୍କୁ ପ୍ରରୋଚିତ କରି ନିୟୋଜିତ କଲେ । ନୀଳଗିରିରେ ଅରାଜକତା ବ୍ୟାପିଗଲା ।

ଓଡ଼ିଶା ସରକାର ଭାରତ ସରକାରଙ୍କ ନିକଟକୁ ନୀଳଗିରିର ଉଦ୍‌ବେଗଜନକ ଆଇନ ଶୃଙ୍ଖଳା ପରିସ୍ଥିତି ଉଲ୍ଲେଖ କରି ବିବରଣୀ ପ୍ରେରଣ କଲେ । ସେତେବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଡ. ହରେକୃଷ୍ଣ ମହତାବ ଦିଲ୍ଲୀରେ ଥାଆନ୍ତି । ସେ ପଟେଲଙ୍କ ସହିତ ବିଚାର ବିମର୍ଶ କଲେ । ଭାରତ ସରକାର ନିକଟସ୍ଥ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ସହାୟତାରେ ନୀଳଗିରିକୁ ଦଖଲ କରିନେବାକୁ ଓଡ଼ିଶା ସରକାରଙ୍କୁ କ୍ଷମତା ପ୍ରଦାନ କଲେ । ମହତାବଙ୍କ ଅନୁପସ୍ଥିତିରେ ମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ନୀଳଗିରି ଦଖଲ କାର୍ଯ୍ୟ ପରିଚାଳନା କରିଥିଲେ । ୧୯୪୭ ମସିହା ନଭେମ୍ବର ୧୪ ତାରିଖରେ ନୀଳଗିରିକୁ ଓଡ଼ିଶା ସରକାର ଦଖଲ କରିନେଲେ । ନଭେମ୍ବର ଶେଷ ସୁଦ୍ଧା ସେଠାରେ ଆଇନ ଶୃଙ୍ଖଳା ପରିସ୍ଥିତି ସ୍ୱାଭାବିକ ହୋଇଗଲା । ଏହାଥିଲା ଭାରତରେ ଦେଶୀୟ ରାଜ୍ୟ ମିଶ୍ରଣ ପ୍ରକ୍ରିୟାର ଆରମ୍ଭ । ହାଇଦ୍ରାବାଦ ଦଖଲ ପରେ ଏହି ପ୍ରକ୍ରିୟାର ଯବନିକା ପତନ ହୋଇଥିଲା ।

**ତୁମ ପାଇଁ କାମ**

***ଓଡ଼ିଶାର ବିଭିନ୍ନ ଗଡ଼ଜାତମାନଙ୍କରେ ପ୍ରଜା ଆନ୍ଦୋଳନରେ ନେତୃତ୍ୱ ନେଇଥିବା ବ୍ୟକ୍ତିମାନଙ୍କର ଏକ ତାଲିକା ପ୍ରସ୍ତୁତ କର ।***

**ତୁମେ ଜାଣିଛ କି ?**

***ନୀଳଗିରି ମିଶ୍ରଣ ସମ୍ବନ୍ଧରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ କହିଥିଲେ,***

***ଶହ ଶହ ବର୍ଷ ପୂର୍ବେ ଏହି କଳିଙ୍ଗ ଜଣେ ଦୁର୍ଦ୍ଧର୍ଷ ସମ୍ରାଟ ଆଶୋକଙ୍କ ମନରେ ବିରାଟ ପରିବର୍ତ୍ତନ ଆଣିଥିଲା... ସେ ଜଣେ ପ୍ରଜାହିତୈଷୀ ଶାସକ ଭାବରେ ବିଶ୍ୱ ଇତିହାସରେ ପରିଚିତ ହେଲେ । କିଏ ହୁଏତ ସ୍ୱପ୍ନରେ ସୁଦ୍ଧା ଭାବି ନଥିବ ବା କଳ୍ପନା ମଧ୍ୟ କରିନଥିବ ଯେ ସେହି କଳିଙ୍ଗରୁ ହିଁ ଭାରତକୁ ଏକତ୍ର କରିବାର ପ୍ରକ୍ରିୟା ଆରମ୍ଭ ହେଲା । ଅଶୋକଙ୍କ ଅମଳରେ ଭାରତରେ ଯେପରି ରାଜନୀତିକ ଏକତା ପ୍ରତିଷ୍ଠିତ ହୋଇଥିଲା, ଆଧୁନିକ ଭାରତରେ ତାହାର ପୁନରାବୃତ୍ତି ହେବାକୁ ଯାଉଛି ।***

ଏହି ଘଟଣାପରେ ଓଡ଼ିଶାର ଗଡ଼ଜାତ ରାଜାମାନେ ଆତଙ୍କିତ ହୋଇଥିଲେ । କିନ୍ତୁ ଭାରତ ସରକାର ନୀଳଗିରିରୁ

ପ୍ରାରମ୍ଭ ଏହି ସଫଳତାର ଗତିରୋଧ ନକରି ଆଗକୁ ବଢ଼ାଇବାକୁ ଚାହିଁଲେ । ୧୯୪୭ ନଭେମ୍ବର ୨୦ରେ ଗଡ଼ଜାତ ଦାୟିତ୍ୱରେ ଥିବା କେନ୍ଦ୍ରୀୟ ସଚିବ ଭି.ପି. ମେନନ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କ ମଧ୍ୟରେ ଦିଲ୍ଲୀରେ ବିଚାର ବିମର୍ଶ ହେଲା । ଏହି ସାକ୍ଷାତରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନ୍ୟ କେତେ ଜଣ ଉଚ୍ଚ ପଦସ୍ଥ ଅଫିସର ମଧ୍ୟ ଉପସ୍ଥିତ ଥିଲେ । ଏଠାରେ ସ୍ଥିର କରାଗଲା ଯେ ୧୯୪୭ ଡିସେମ୍ବର ମାସରେ ଓଡ଼ିଶା ପ୍ରଦେଶ ପରିସରରେ ଥିବା ଖ ଓ ଗ ଶ୍ରେଣୀର ଗଡ଼ଜାତ ରାଜାମାନଙ୍କର ଏକ ସଭା କଟକଠାରେ ଅନୁଷ୍ଠିତ ହେବ । ସେମାନଙ୍କୁ ନିମନ୍ତ୍ରଣ କରିବାର ଦାୟିତ୍ୱ ଭି.ପି. ମେନନଙ୍କ ଉପରେ ନ୍ୟସ୍ତ ହେଲା ।

**କଟକ ସମ୍ମିଳନୀ :**

କଟକ ସମ୍ମିଳନୀରେ ଯୋଗ ଦେବା ପାଇଁ ସର୍ଦ୍ଦାର ପଟେଲ ଓ ଭି.ପି. ମେନନଙ୍କ ସହିତ କେନ୍ଦ୍ର ସରକାରଙ୍କର କେତେକ ଉଚ୍ଚ ପଦସ୍ଥ ଅଫିସର ୧୯୪୭ ଡିସେମ୍ବର ୧୩ରେ ଭୁବନେଶ୍ୱରରେ ପହଞ୍ଚିଲେ । ତହିଁ ପରଦିନ କଟକର ରାଜଭବନରେ ଏହି ଐତିହାସିକ ସମ୍ମିଳନୀର ଶୁଭାରମ୍ଭ ହେଲା ।



(କଟକର ରାଜଭବନ)

ପ୍ରଥମେ 'ଖ' ଓ 'ଗ' ଶ୍ରେଣୀର ପନ୍ଦର ଜଣ ଗଡ଼ଜାତ ରାଜାଙ୍କ ମଧ୍ୟରୁ ବାର ଜଣ ଉପସ୍ଥିତ ଥିଲେ । ଆଠମଲ୍ଲିକ, ବଣାଇ ଓ ତିଗିରିଆର ରାଜା ଏହି ସମ୍ମିଳନୀରେ ଯୋଗ ଦେଇନଥିଲେ । ସର୍ଦ୍ଦାର ପଟେଲ ଏହି ସମ୍ମିଳନୀରେ ତାଙ୍କ ଉଦ୍‌ଘାଟନୀ ଭାଷଣରେ ସ୍ପଷ୍ଟକରି ଦେଲେଯେ ଓଡ଼ିଶା ପ୍ରଦେଶ ସହିତ ଏହି ଶ୍ରେଣୀର ଗଡ଼ଜାତମାନଙ୍କୁ ମିଶିଯିବାକୁ ହେବ । ସେମାନଙ୍କ ହାତପାଣ୍ଠିର ପରିଣାମ ସରକାର ସ୍ଥିର କରିବେ ଏବଂ ସେମାନଙ୍କୁ ବ୍ୟକ୍ତିଗତ ପଦମର୍ଯ୍ୟାଦା ଓ ସୁବିଧା ସୁଯୋଗ ଦିଆଯିବ ବୋଲି କୁହାଗଲା । ସାମାନ୍ୟ ପ୍ରତିବାଦ ପରେ ସେମାନେ ଚୁକ୍ତିପତ୍ରରେ ସ୍ୱାକ୍ଷର କଲେ । ଅନୁପସ୍ଥିତଥିବା ବଣାଇ, ଆଠମଲ୍ଲିକ ଓ ତିଗିରିଆର ରାଜାମାନେ ପରେ ଏହି ଚୁକ୍ତିପତ୍ରରେ ଦସ୍ତଖତ କରିଥିଲେ ।

'କ' ଶ୍ରେଣୀ ଗଡ଼ଜାତ ମାନଙ୍କୁ ନେଇ ସାମାନ୍ୟ ସମସ୍ୟା ସୃଷ୍ଟି ହେଲା । ମଧ୍ୟାହ୍ନ ଭୋଜନ ପରେ ସର୍ଦ୍ଦାର ପଟେଲ 'କ' ଶ୍ରେଣୀର ଏଗାର ଜଣ ରାଜାଙ୍କ ସହିତ କଥାବାର୍ତ୍ତା ଆରମ୍ଭ କଲେ । 'ଖ' ଓ 'ଗ' ଶ୍ରେଣୀର ଗଡ଼ଜାତ ରାଜାଙ୍କ ପରି 'କ' ଶ୍ରେଣୀର ଗଡ଼ଜାତ ରାଜାମାନେ ମଧ୍ୟ ମିଶ୍ରଣ ଚୁକ୍ତି ପତ୍ରରେ ଦସ୍ତଖତ କରିବା ପାଇଁ ସର୍ଦ୍ଦାର ପଟେଲ ଅନୁରୋଧ କଲେ । କଥା ପ୍ରସଙ୍ଗରେ ସେ କହିଲେ ଯେ ଓଡ଼ିଶାରେ ଥିବା ଗଡ଼ଜାତଗୁଡ଼ିକ ଓଡ଼ିଶାପ୍ରଦେଶ ରୂପକ ଶରୀରରେ ଗୋଟିଏ ଗୋଟିଏ କ୍ଷତ ସଦୃଶ । ସେଗୁଡ଼ିକୁ ଶୀଘ୍ର ଉପଶମ କରିବାକୁ ହେବ... ନଚେତ ମୂଳୋତ୍ପାଟନ କରିବାକୁ ହେବ । ଯଦି ଗଡ଼ଜାତ ରାଜାମାନେ ଓଡ଼ିଶା ସହିତ ମିଶିଯିବାର ଉପଦେଶ ଗ୍ରହଣ କରନ୍ତି ସେମାନଙ୍କୁ ଆରୋଗ୍ୟ କରିଦିଆଯିବ । ଆଉ ଯଦି ସେମାନେ ବିରୋଧ କରନ୍ତି ତେବେ ପ୍ରଜାମାନେ ତାଙ୍କର ମୂଳୋତ୍ପାଟନ କରିଦେବେ । 'କ' ଶ୍ରେଣୀର ଗଡ଼ଜାତ ରାଜାମାନଙ୍କ ସହିତ ଅନୁଷ୍ଠିତ କଥାବାର୍ତ୍ତାରୁ କିଛି ସୁଫଳ ମିଳିଲା ନାହିଁ । ଅନେକ ସମୟ କଥାବାର୍ତ୍ତା ଓ ଚାପ ପ୍ରୟୋଗ ପରେ ନଅ ଜଣ ଦେଶୀୟ ରାଜା ମିଶ୍ରଣ ଚୁକ୍ତିରେ ସ୍ୱାକ୍ଷର କରିବାକୁ ରାଜିହେଲେ ଓ ୧୯୪୭ ଡିସେମ୍ବର ୧୫ ତାରିଖଦିନ ସକାଳେ ସ୍ୱାକ୍ଷର କରିଦେଲେ । କଳାହାଣ୍ଡିର ମହାରାଜାଙ୍କ ପାଇଁ ପଟେଲଙ୍କ ସ୍ୱତନ୍ତ୍ର ଟ୍ରେନ୍‌ଟି କଟକ ରେଳ ଷ୍ଟେସନରେ ଘଣ୍ଟାଏ ଅପେକ୍ଷା କଲା । ତେବେ ଶେଷରେ କଳାହାଣ୍ଡି ମହାରାଜା ମିଶ୍ରଣ ଚୁକ୍ତିରେ ସ୍ୱାକ୍ଷର କଲେ । ମୟୂରଭଞ୍ଜରେ ଲୋକ ପ୍ରତିନିଧିମୂଳକ ସରକାର ଗଠିତ ହୋଇଥିଲା । ତେଣୁ ମୟୂରଭଞ୍ଜ ମହାରାଜା ତାଙ୍କ ମନ୍ତ୍ରିମଣ୍ଡଳ ସହିତ ଆଲୋଚନା ନ କରି ମିଶ୍ରଣ ଚୁକ୍ତିପତ୍ରରେ ସ୍ୱାକ୍ଷର

କରିବେ ନାହିଁ ବୋଲି ଯୁକ୍ତି ବାଢ଼ିଲେ । ଏଥିପାଇଁ ସେ କିଛିଦିନ ସମୟ ନେବେ ବୋଲି କହିଲେ ।

୧୯୪୭ ଡିସେମ୍ବର ୨୩ରେ ଭାରତ ସରକାର ଏହି ଚବିଶ ଗଡ଼ଜାତର ଶାସନଭାର ଓଡ଼ିଶାର ପ୍ରାଦେଶିକ ସରକାରଙ୍କୁ ହସ୍ତାନ୍ତର କଲେ । ୧୯୪୮ ମସିହା ଜାନୁୟାରୀ ୧ ତାରିଖ ଠାରୁ ଓଡ଼ିଆ ଭାଷାଭାଷୀ ଚବିଶଟି ଗଡ଼ଜାତ ଓଡ଼ିଶା ପ୍ରଦେଶ ସହିତ ମିଶିଗଲା । ଷଢ଼େଇକଳା ଓ ଖରସୁଆଁର ମଧ୍ୟବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ ମୟୂରଭଞ୍ଜ ଓଡ଼ିଶାରେ ନ ମିଶିବାରୁ ଏହି ଦୁଇ ରାଜ୍ୟ ମଧ୍ୟରେ ପ୍ରତ୍ୟକ୍ଷଭାବେ ଯୋଗାଯୋଗ ହୋଇ ପାରିଲା ନାହିଁ । ତେଣୁ ଏହି ଦୁଇଟି ରାଜ୍ୟର ରାଜାମାନେ ସେମାନଙ୍କ ପୂର୍ବମତ ପରିବର୍ତ୍ତନ କରି ବିହାର ସହିତ ମିଶିବା ପାଇଁ ଚାହିଁଲେ । ଫଳରେ ଭାରତ ସରକାର ୧୯୪୮ ମଇ ୧୮ ତାରିଖରୁ ସେ ଦୁଇଟି ଗଡ଼ଜାତକୁ ଓଡ଼ିଶାରୁ କାଢ଼ିନେଇ ବିହାରରେ ମିଶାଇ ଦେଇଥିଲେ । ମୟୂରଭଞ୍ଜର ମହାରାଜା ୧୯୪୮ ଅକ୍ଟୋବର ୧୭ ତାରିଖ ଦିନ ମିଶ୍ରଣ ଚୁକ୍ତିରେ ସ୍ୱାକ୍ଷର କଲେ । ୧୯୪୯ ମସିହା ଜାନୁଆରୀ ୧ ତାରିଖ ଦିନ ମୟୂରଭଞ୍ଜ ଓଡ଼ିଶା ସହିତ ମିଶିଲା । ତେଣୁ ଚବିଶଟି ଓଡ଼ିଆ ଭାଷାଭାଷୀ ଗଡ଼ଜାତ ଓଡ଼ିଶା ସହିତ ମିଶିଥିଲା । ଓଡ଼ିଶା ସହିତ ଏହି ଗଡ଼ଜାତ ମିଶ୍ରଣ ପ୍ରକ୍ରିୟାରେ ଓଡ଼ିଶାର ତତ୍କାଳୀନ ପ୍ରଧାନମନ୍ତ୍ରୀ ହରେକୃଷ୍ଣ ମହତାବ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

**ତୁମ ପାଇଁ କାମ**

*ମିଶ୍ରଣ ଚୁକ୍ତିରେ ସ୍ୱାକ୍ଷର କରିଥିବା ଚବିଶଜଣ ଗଡ଼ଜାତ ରାଜାମାନଙ୍କର ନାମ ତାଲିକା ପ୍ରସ୍ତୁତ କର ।*

**ତୁମେ ଜାଣିଛ କି ?**

*ମହତାବଙ୍କର ଭୂମିକାକୁ ପ୍ରଶଂସା କରି ସର୍ଦ୍ଦାର ପଟେଲ କହିଛନ୍ତି ?*

*ମୁଁ ଖୁସି ଯେ ମୁଁ ମହତାବଙ୍କର ସ୍ୱପ୍ନକୁ ସାକାର କରିବାରେ ତାଙ୍କୁ ସାହାଯ୍ୟ କରିଛି ଏବଂ ମୁଁ ଅଧିକ ଖୁସି ଏଇଥିପାଇଁ ଯେ ଓଡ଼ିଶା ଭଳି ଏକ ପଛୁଆରାଜ୍ୟ ଅବଶିଷ୍ଟ ଭାରତକୁ ତା'ର ଅନୁଗାମୀ ହେବାକୁ ପଥ ପ୍ରଦର୍ଶନ କରିପାରିଲା ।*

ଓଡ଼ିଶା ପ୍ରଦେଶ ସହିତ ଗଡ଼ଜାତ ମିଶ୍ରଣ ପରେ ଓଡ଼ିଶାର ଗଣତାନ୍ତ୍ରିକ ପ୍ରକ୍ରିୟା ଗଡ଼ଜାତମାନଙ୍କୁ ସଂପ୍ରସାରିତ ହେଲା । ଓଡ଼ିଶା ବିଧାନସଭାରେ ଆଗରୁ ସଦସ୍ୟ ସଂଖ୍ୟାଥିଲା ୬୦ । ଗଡ଼ଜାତ ମିଶ୍ରଣ ପରେ ଏଥିରେ ଆଉ ୩୧ଟି ଆସନ ସଂଯୁକ୍ତ ହେଲା । ଓଡ଼ିଶା ବିଧାନସଭାରେ ନିର୍ବାଚିତ ସଭ୍ୟ ସଂଖ୍ୟା ହେଲା ୯୧ । ୧୯୪୯ ମସିହା ଅକ୍ଟୋବର ୧୦ ତାରିଖରେ ଏ ସମସ୍ତ ସଦସ୍ୟଙ୍କୁ ନେଇ ଓଡ଼ିଶା ବିଧାନସଭାର ଅଧିବେଶନ ନୂଆ ରାଜଧାନୀ ଭୁବନେଶ୍ୱରରେ ଅନୁଷ୍ଠିତ ହେଲା । ଗଡ଼ଜାତ ପ୍ରଜାମାନଙ୍କୁ ସ୍ୱାଧୀନତାର ସ୍ୱାଦ ଚଖାଇବା ପାଇଁ ଗଡ଼ଜାତ ଶାସନ ବ୍ୟବସ୍ଥାକୁ ପ୍ରାଦେଶିକ ଶାସନ ଅନୁରୂପ କରିବାର ପ୍ରଚେଷ୍ଟା ଆରମ୍ଭ ହେଲା । ଗଡ଼ଜାତଗୁଡ଼ିକ ସାମିଲକରି ଓଡ଼ିଶାର ଜିଲ୍ଲା ଗୁଡ଼ିକୁ ପୁନର୍ଗଠନ କରି ତେରଟି ଜିଲ୍ଲାର ସୃଷ୍ଟି କରାଗଲା । ସମୟକ୍ରମେ ପ୍ରଜା ଆନ୍ଦୋଳନ ପ୍ରଶମିତ ହୋଇଗଲା । ଗଡ଼ଜାତ ଅଞ୍ଚଳର ରାଜା ଓ ପ୍ରଜା ଉଭୟ ଏହି ଗଣତାନ୍ତ୍ରିକ ବ୍ୟବସ୍ଥାରେ ଯୋଗଦାନ କଲେ । ଓଡ଼ିଶାର ପ୍ରାକୃତିକ ସମ୍ପଦର ଠିକ୍ ବିନିଯୋଗ ହୋଇପାରିଲା । ଏହା ସତ ଯେ ଏହି ମିଶ୍ରଣ ପରେ ଅନେକ ଅଞ୍ଚଳ ଓଡ଼ିଶା ବାହାରେ ରହିଗଲା । ଭାଷାଭିତ୍ତିକ ପ୍ରଦେଶ ଗଠନର ସ୍ୱପ୍ନ ସମ୍ପୂର୍ଣ୍ଣ ସାକାର ହୋଇପାରିଲା ନାହିଁ । ତେବେ ଦେଶୀୟ ରାଜ୍ୟଗୁଡ଼ିକର ଓଡ଼ିଶା ସହିତ ମିଶ୍ରଣ ପରେ ଓଡ଼ିଆମାନଙ୍କ ମଧ୍ୟରେ ଐକ୍ୟ ଏବଂ ଉତ୍ସାହ ପରିଲକ୍ଷିତ ହେଲା । ଓଡ଼ିଆମାନେ ଏକ ସମୃଦ୍ଧ ପ୍ରଦେଶ ଆଭିମୁଖ୍ୟ ନେଇ ଅଗ୍ରଗାମୀ ହେଲେ ।




(ତେରଟି ଜିଲ୍ଲା ବିଶିଷ୍ଟ ଓଡ଼ିଶା ମାନଚିତ୍ର)

**ତୁମ ପାଇଁ କାମ**

*ଓଡ଼ିଶାରେ ମିଶିଥିବା ଗଡ଼ଜାତଗୁଡ଼ିକ ବର୍ତ୍ତମାନ ରାଜ୍ୟର କେଉଁ ଜିଲ୍ଲାଗୁଡ଼ିକର ଅନ୍ତର୍ଭୁକ୍ତ ଉଲ୍ଲେଖ କର ।*

❖ ❖ ❖

## ପ୍ରଶ୍ନାବଳୀ

**୧. ପ୍ରଶ୍ନଗୁଡ଼ିକର ଉତ୍ତର ୬୦ଟି ଶବ୍ଦରେ ଲେଖ :**

(କ) ଦେଶୀୟ ରାଜ୍ୟମାନଙ୍କରେ ପ୍ରଚଳିତ ଥିବା 'ପ୍ରଜାମାରଣ' ପ୍ରଥାଗୁଡ଼ିକ ବିଷୟରେ ଏକ ସଂକ୍ଷିପ୍ତ ଟିପ୍‌ପଣୀ ଲେଖ।

(ଖ) ପ୍ରଜାମଣ୍ଡଳ ଆନ୍ଦୋଳନରେ କି କି ମୁଖ୍ୟ ଦାବି ଥିଲା ?

(ଗ) ପୁନର୍ଗଠିତ ଓଡ଼ିଶା ଗଡ଼ଜାତ ତଦନ୍ତ କମିଟିରେ କେଉଁମାନେ ସଦସ୍ୟ ଥିଲେ ଏବଂ ଏହାର କି କି ପ୍ରସ୍ତାବ ଥିଲା ?

(ଘ) ଓଡ଼ିଶା ସହିତ ଓଡ଼ିଆ ଭାଷାଭାଷୀ ଗଡ଼ଜାତଗୁଡ଼ିକ ମିଶାଇ ଦେବାପାଇଁ ଭାରତ ସ୍ୱାଧୀନତା ପାଇବା ପୂର୍ବରୁ ମହତାବ କ'ଣ କରିଥିଲେ ?

(ଙ) ନୀଳଗିରିରୁ କିପରି ଦେଶୀୟ ରାଜ୍ୟ ମିଶ୍ରଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା ?

**୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୨୦ଗୋଟି ଶବ୍ଦରେ ଲେଖ ।**

(କ) କେଉଁ ଭିତ୍ତିରେ ଓଡ଼ିଶାର ଗଡ଼ଜାତଗୁଡ଼ିକ ବିଭିନ୍ନ ଶ୍ରେଣୀରେ ବିଭକ୍ତ କରାଯାଇଥିଲା ଏବଂ କେଉଁ ଗଡ଼ଜାତଗୁଡ଼ିକ 'ଗ' ଶ୍ରେଣୀଭୁକ୍ତ ଥିଲା ?

(ଖ) ବେଠି ଓ ଭେଟି ମଧ୍ୟରେ ପାର୍ଥକ୍ୟ କ'ଣ ?

(ଗ) କେବେ ଏବଂ କେଉଁଠାରେ ପ୍ରଜା ଆନ୍ଦୋଳନ ଆରମ୍ଭ ହୋଇଥିଲା ?

(ଘ) ଓଡ଼ିଆ ଗଡ଼ଜାତ ପ୍ରଜା ସମ୍ମିଳନୀର ପ୍ରଥମ ଅଧିବେଶନ କେଉଁଠାରେ ଏବଂ କାହା ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ?

(ଙ) ସାରଙ୍ଗଧର ଦାସ କିଏ ? କେବେ ଏବଂ କେଉଁଠାରେ ପ୍ରଜା ସମ୍ମିଳନୀର ଅଧିବେଶନ ଅନୁଷ୍ଠିତ ହୋଇଥିଲା ?

(ଚ) କେଉଁ ଅଞ୍ଚଳଗୁଡ଼ିକର ଦେଶୀୟ ରାଜାମାନେ ମିଶ୍ରଣ ବିରୋଧରେ ଏକ ସଂଘ ଗଠନ କରିଥିଲେ ?

(ଛ) କେବେ ଏବଂ କେଉଁଠାରେ ଅନୁଷ୍ଠିତ ଗଡ଼ଜାତ ରାଜାମାନଙ୍କର ସମ୍ମିଳନୀରେ ସର୍ଦ୍ଦାର ପଟେଲ ଯୋଗ ଦେଇଥିଲେ ?

(ଜ) ମୟୂରଭଞ୍ଜର ରାଜା ମିଶ୍ରଣ ଚୁକ୍ତିରେ ସ୍ୱାକ୍ଷର କରିବା ପାଇଁ କାହିଁକି କିଛି ଦିନ ସମୟ ନେଇଥିଲେ ?

(ଝ) ଷଢ଼େଇ କଳା ଓ ଖରସୁଆଁ କାହିଁକି ବିହାର ସହିତ ମିଶି ଯାଇଥିଲା ?

(ଞ) ଗଡ଼ଜାତଗୁଡ଼ିକର ପ୍ରତିନିଧିମାନଙ୍କ ସହିତ ଓଡ଼ିଶା ବିଧାନ ସଭାର ଅଧିବେଶନ ପ୍ରଥମେ କେବେ ଏବଂ କେଉଁଠାରେ ଅନୁଷ୍ଠିତ ହୋଇଥିଲା ?

**୩. ପ୍ରତ୍ୟେକ ପ୍ରଶ୍ନରେ ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

(କ) ବୌଦରେ ପ୍ରଜାମଣ୍ଡଳ ଆନ୍ଦୋଳନ କେବେ ଆରମ୍ଭ ହୋଇଥିଲା ?

(ଖ) ନୀଳଗିରିରେ କିଏ ପ୍ରଜାମଣ୍ଡଳ ଗଠନ କରିଥିଲେ ?

(ଗ) ୧୯୩୯ ଅଗଷ୍ଟରେ କିଏ ଓଡ଼ିଶା ଗଡ଼ଜାତ ମିଶ୍ରଣ ସମ୍ପର୍କରେ ଭାଇସ୍‌ରାୟଙ୍କୁ ସାକ୍ଷାତ କରିଥିଲେ ?

(ଘ) କିଏ ହରେକୃଷ୍ଣ ମହତାବଙ୍କୁ 'ପର୍ଶୁରାମ' ଆଖ୍ୟା ଦେଇଥିଲେ ?

(ଙ) ହରେକୃଷ୍ଣ ମହତାବଙ୍କ ଅନୁପସ୍ଥିତିରେ କିଏ ନୀଳଗିରି ଦଖଲ କାର୍ଯ୍ୟ ପରିଚାଳନା କରିଥିଲେ ?

(ଚ) କେବେ ମୟୂରଭଞ୍ଜ ଓଡ଼ିଶାରେ ମିଶିଲା ?

(ଛ) ଚୂଡ଼ାନ୍ତ ଭାବରେ କେତୋଟି ଗଡ଼ଜାତ ଓଡ଼ିଶାରେ ମିଶିଲା ?

(ଜ) ଗଡ଼ଜାତ ମିଶ୍ରଣ ପରେ ଓଡ଼ିଶା ବିଧାନ ସଭାରେ କେତୋଟି ଆସନ ବୃଦ୍ଧି ପାଇଥିଲା ଏବଂ ସମୁଦାୟ ଆସନ ସଂଖ୍ୟା କେତେ ହୋଇଥିଲା ?

(ଝ) ଗଡ଼ଜାତଗୁଡ଼ିକ ମିଶିବାପରେ ଓଡ଼ିଶାର ଜିଲ୍ଲାଗୁଡ଼ିକର ପୁନର୍ଗଠନ ପରେ କେତୋଟି ଜିଲ୍ଲା ସୃଷ୍ଟି ହେଲା ?

**୪. ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ତା'ର କ୍ରମିକ ନମ୍ବର ସହିତ ଲେଖ ?**

(କ) ମିଶ୍ରଣ ପୂର୍ବରୁ ଓଡ଼ିଆ ଭାଷାଭାଷୀ ଗଡ଼ଜାତମାନଙ୍କର ସଂଖ୍ୟା କେତେ ଥିଲା ?

(i) ୨୩ (ii) ୨୫ iii) ୨୬ (iv) ୨୭

(ଖ) ଗଡ଼ଜାତମାନଙ୍କରେ ଗୋଟିଏ ଶିବିରରୁ ଅନ୍ୟଶିବିରକୁ ରାଜା ବା ରାଜକର୍ମଚାରୀମାନଙ୍କୁ ବିନା ପାଉଣାରେ ପାଲିଙ୍କି ବା ସବାରୀରେ ବୋହିନେବା ପ୍ରଥାକୁ କ'ଣ କୁହାଯାଉଥିଲା ?

i) ବେଠି (ii) ବେଗାରୀ iii) ରସଦ iv) ମାଗଣ

(ଗ) କିଏ ପୁନର୍ଗଠିତ ଓଡ଼ିଶା ଗଡ଼ଜାତ ତଦନ୍ତ କମିଟିର ସମ୍ପାଦକ ଥିଲେ ?

i) ହରେକୃଷ୍ଣ ମହତାବ ii) ସାରଙ୍ଗଧର ଦାସ

iii) ବଳବନ୍ତରାୟ ମେହେଟ୍ଟା iv) ପଟ୍ଟାଭି ସୀତାରାମାୟା

(ଘ) କେଉଁସ୍ଥାନରୁ ଭାରତରେ ଦେଶୀୟରାଜ୍ୟ ମିଶ୍ରଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା ।

i) ମୟୂରଭଞ୍ଜ ii) ନୀଳଗିରି

iii) ଜୁନାଗଡ iv) କଳାହାଣ୍ଡି

(ଙ) କେଉଁ ଗଡ଼ଜାତର ରାଜା କଟକ ସମ୍ମିଳନୀ ସମୟରେ ମିଶ୍ରଣ ଚୁକ୍ତିପତ୍ରରେ ସ୍ୱାକ୍ଷର କରି ନଥିଲେ ।

i) ଷଢ଼େଇକଳା ii) ଖରସୁଆଁ

iii) ମୟୂରଭଞ୍ଜ iv) କଳାହାଣ୍ଡି

(ଚ) ଗଡ଼ଜାତ ମିଶ୍ରଣ ପରେ ଓଡ଼ିଶା ବିଧାନସଭାର ସଭ୍ୟ ସଂଖ୍ୟା ୬୦ରୁ ବଢ଼ି ________ ହେଲା ।


i) ୯୦ ii) ୯୧ iii) ୯୨ iv) ୯୩

**୫. ପାଠରେ ଦିଆଯାଇଥିବା "ତୁମ ପାଇଁ କାମ" ଗୁଡ଼ିକ ଶିକ୍ଷକଙ୍କ ନିର୍ଦ୍ଦେଶନା ଓ ସହାୟତାରେ ସମ୍ପାଦନ କର ।**

❖ ❖ ❖

## ତୃତୀୟ ପାଠ

# ଗୋଆ ଓ ପୁଦୁଚେରୀର ମୁକ୍ତି



(ଭାରତ ମାନଚିତ୍ରରେ ଗୋଆ ଓ ପୁଦୁଚେରୀ ବା ପଣ୍ଡିଚେରୀ)

୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତରୁ ବ୍ରିଟିଶ ସାମ୍ରାଜ୍ୟବାଦର ଅବସାନ ହେଲା ଓ ବ୍ରିଟିଶ ସାମ୍ରାଜ୍ୟ ଅନ୍ତର୍ଭୁକ୍ତ ଭାରତ ସ୍ୱାଧୀନ ହେଲା। କିନ୍ତୁ ଭାରତର ଅବିଚ୍ଛେଦ୍ୟ ଅଙ୍ଗଭାବେ ଜଣାଶୁଣା କିଛି ଅଞ୍ଚଳ ବିଦେଶୀ ଶାସନ କବଳରେ ରହିଗଲା। ଭାରତର ପଶ୍ଚିମ ଉପକୂଳରେ ଅବସ୍ଥିତ ଗୋଆ, ଦାମନ, ଡିଉ, ଦାଦ୍ରା ଓ ନଗରହାବେଳିରେ ପର୍ତ୍ତୁଗୀଜମାନେ ଶାସନ କରୁଥିଲେ। ପୂର୍ବଉପକୂଳରେ ଅବସ୍ଥିତ ପୁଦୁଚେରୀରେ ଫରାସୀମାନେ ଶାସନ କରୁଥିଲେ । ପୁଦୁଚେରୀ ନାମରେ ପରିଚିତ ଏହି ଫରାସୀ ଉପନିବେଶର ଅନ୍ତର୍ଭୁକ୍ତ ଥିଲା ପୁଦୁଚେରୀ, ଚନ୍ଦର ନଗର, କରାଇକଲ, ମାହେ ଓ ୟାନାମ। ପୁଦୁଚେରୀ, କରାଇକଲ ଓ ୟାନାମ କରମଣ୍ଡଳ ଉପକୂଳରେ ଅବସ୍ଥିତଥିଲା। ମାହେ ଅବସ୍ଥିତଥିଲା ମାଲବାର ଉପକୂଳରେ ଏବଂ ଚନ୍ଦରନଗର ଥିଲା ବଙ୍ଗଳାରେ। ଭାରତରେ ଥିବା ଫରାସୀ ଉପନିବେଶର ଆୟତନ ଥିଲା ୫୧୦ ବର୍ଗ କିଲୋମିଟର। ୧୯୩୬ରେ ଏହାର ଲୋକସଂଖ୍ୟା ଥିଲା ୨,୯୮,୫୫୧। ପୁଦୁଚେରୀ (ପଣ୍ଡିଚେରୀ) ଫରାସୀ ଉପନିବେଶମାନଙ୍କର ସଦର ମହକୁମା ଥିଲା। ଗୋଆ ଓ ପୁଦୁଚେରୀକୁ ଭାରତର ରାଜନୀତିକ ପରିଧି ଭିତରକୁ ଫେରାଇ ଆଣିବା ସ୍ୱାଧୀନତାପରର ଭାରତ ସରକାରଙ୍କ ପାଖରେ ଏକ ପ୍ରମୁଖ ଆହ୍ୱାନ ଥିଲା।

### ଭାରତ ସହିତ ଗୋଆର ମିଶ୍ରଣ :

ଗୋଆର ଇତିହାସ ବେଶ୍ ପ୍ରାଚୀନ। ଅତୀତରେ ଗୋଆ, ଗୋମଞ୍ଚଳ, ଗୋପକପଟ୍ଟମ୍, ଗୋପକପୁରୀ, ଗୋବପୁରୀ ବା ଗୋମନ୍ତକ ନାମରେ ପରିଚିତ ଥିଲା। କାଳର କ୍ରମିକତାରେ ଗୋଆକୁ ସାତବାହାନ, କଦମ୍ବ, ରାଷ୍ଟ୍ରକୂଟ, ଚାଲୁକ୍ୟ, ଶିଲଦାର, ଯାଦବମାନେ ଶାସନ କରିଥିଲେ। ଖିଲ୍‌ଜିମାନଙ୍କ ସମୟରେ ଗୋଆ ମୁସଲମାନ ଶାସନର ଅଧିକାରକୁ ଆସିଲା। ଭାସ୍କୋଡାଗାମା ଭାରତକୁ ଜଳପଥ ଆବିଷ୍କାର କରିବା ପରେ ପର୍ତ୍ତୁଗୀଜମାନେ ଗୋଆ ଅଧିକାର କରିବାକୁ ଅଭିଯାନ ଆରମ୍ଭ କଲେ।

| ତୁମ ପାଇଁ କାମ |
|---|
| *ଭାସ୍କୋଡାଗାମାଙ୍କ ଭାରତକୁ ଜଳପଥ ଆବିଷ୍କାର ସମ୍ପର୍କରେ ଏକ ବର୍ଣ୍ଣନା ପ୍ରଦାନ କର ।* |

୧୫୧୦ ମସିହାରେ ବିଜୟନଗର ସମ୍ରାଟଙ୍କ ସହାୟତାରେ ପର୍ତ୍ତୁଗୀଜମାନେ ଗୋଆ ଅଧିକାର କଲେ ଏବଂ ସେହି ଦିନଠାରୁ ଗୋଆରେ ପର୍ତ୍ତୁଗୀଜମାନଙ୍କ ଶାସନ ଆରମ୍ଭ ହେଲା। କିଛିଦିନପାଇଁ ଛତ୍ରପତି ଶିବାଜୀ ଗୋଆ ଅଧିକାର

କରିଥିଲେ କିନ୍ତୁ ପରେ ପରେ ପର୍ତ୍ତୁଗୀଜମାନେ ଗୋଆ ପୁନର୍ଦଖଲ କଲେ। ୧୯୪୭ ମସିହାରେ ଇଂରେଜମାନେ ଭାରତଛାଡ଼ି ଚାଲିଗଲେ। କିନ୍ତୁ ଗୋଆରେ ପର୍ତ୍ତୁଗୀଜମାନଙ୍କର ଶାସନ ଅବ୍ୟାହତ ରହିଲା। ଦାମନ, ଡିଉ, ଦାଦ୍ରା ଓ ନଗର ହାବେଳିରେ ମଧ୍ୟ ପର୍ତ୍ତୁଗୀଜମାନେ ସେମାନଙ୍କର ଶାସନ ଜାରିରଖିଲେ। ଗୋଆର ପର୍ତ୍ତୁଗୀଜ ଶାସକ ଭାରତ ସରକାରଙ୍କ କୂଟନୈତିକ ସମାଧାନ ପ୍ରସ୍ତାବକୁ ଗ୍ରହଣ କଲେ ନାହିଁ।

***ତୁମେ ଜାଣିଛ କି ?***

***ଗୋଟିଏ ରାଷ୍ଟ୍ର ମଧ୍ୟରେ ଥିବା ଅନ୍ୟରାଷ୍ଟ୍ରର ଶାସନାଧୀନ ଅଞ୍ଚଳଗୁଡ଼ିକୁ ଅନ୍ତଃକ୍ଷେତ୍ର କୁହାଯାଏ। ଉଦାହରଣ ସ୍ୱରୂପ ଗୋଆ, ଦାମନ, ଡିଉ, ଦାଦ୍ରା, ନଗର ହାବେଳି ଗୋଟିଏ ଗୋଟିଏ ପର୍ତ୍ତୁଗୀଜ ଅନ୍ତଃକ୍ଷେତ୍ର।***

ଗୋଆରେ ପର୍ତ୍ତୁଗୀଜ ଶାସକମାନେ ଜନସାଧାରଣଙ୍କ ସୁଖସୁବିଧା ପାଇଁ ଦୃଷ୍ଟି ଦେଉନଥିଲେ। ଗୋଆ, ଦାମନ, ଡିଉର ଜନସାଧାରଣ ସେମାନଙ୍କ ଅତ୍ୟାଚାରରେ ଅତିଷ୍ଠ ହୋଇ ୧୯୫୫ ମସିହା ଅଗଷ୍ଟ ୧୫ରେ ଏକ ବଡ଼ ଧରଣର ବିକ୍ଷୋଭ ପ୍ରଦର୍ଶନ କଲେ। ଏହି ପ୍ରଦର୍ଶନରେ ପ୍ରାୟ ପାଞ୍ଚହଜାର ଲୋକ ଅଂଶ ଗ୍ରହଣ କରିଥିଲେ। ଏହି ପ୍ରଦର୍ଶନକୁ ଘଉଡ଼ାଇବାକୁ ପର୍ତ୍ତୁଗୀଜ ପୋଲିସ ଗୁଳିଚାଳନା କଲେ ଏବଂ ଏହି ଗୁଳିଚାଳନାରେ ୨୨ ଜଣ ଅହିଂସ ସତ୍ୟାଗ୍ରହୀ ମୃତ୍ୟୁ ବରଣ କଲେ। ଆନ୍ଦୋଳନକୁ ଶକ୍ତି ପ୍ରୟୋଗ କରି ଦବାଇଦେବା ପାଇଁ ପର୍ତ୍ତୁଗୀଜ ସରକାର ଦାମନରୁ ସୈନ୍ୟ ପ୍ରେରଣ କରିବାକୁ ଚେଷ୍ଟା କଲେ। ଭାରତୀୟ ସୈନ୍ୟବାହିନୀ ଏଥିରେ ବାଧାଦେବାରୁ ପର୍ତ୍ତୁଗାଲ ସରକାର ଏହା ବିରୋଧରେ ଆନ୍ତର୍ଜାତିକ ନ୍ୟାୟାଳୟରେ ଏକ ଅର୍ଜି ଦାଖଲ କଲେ। ପର୍ତ୍ତୁଗାଲ ସରକାରଙ୍କର ପ୍ରାର୍ଥନା ଥିଲା ଯେ ଭାରତରେ ଥିବା ପର୍ତ୍ତୁଗୀଜ ଅନ୍ତଃକ୍ଷେତ୍ରଗୁଡ଼ିକୁ ପର୍ତ୍ତୁଗୀଜ ସୈନ୍ୟ ପ୍ରେରଣ ପାଇଁ ଅନୁମତି ଦେବାକୁ ଭାରତ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଉ। କିନ୍ତୁ ୧୯୬୦ ମସିହାରେ ଆନ୍ତର୍ଜାତିକ ନ୍ୟାୟାଳୟ ଏହି ଅର୍ଜିଟିକୁ ଖାରଜ କରିଦେଲେ। ସେହିବର୍ଷ ଡିସେମ୍ବର ମାସରେ ଜାତିସଂଘର ସାଧାରଣ ସଭା ପର୍ତ୍ତୁଗାଲ ବାହାରେଥିବା ପର୍ତ୍ତୁଗୀଜ ଉପନିବେଶ ଗୁଡ଼ିକୁ ପର୍ତ୍ତୁଗାଲର ରାଜ୍ୟଭାବରେ ବିବେଚନା କରିବା ଦାବିକୁ ମଧ୍ୟ ଅଗ୍ରାହ୍ୟ କରିଦେଲେ।

୧୯୬୧ ମସିହାରେ ଉପନିବେଶମାନଙ୍କ ଉପରେ ପର୍ତ୍ତୁଗୀଜ ଜୁଲମର ସ୍ପଷ୍ଟ ଚିତ୍ର ପରିଲକ୍ଷିତ ହେଲା। ଭାରତର ପ୍ରଧାନମନ୍ତ୍ରୀ କଥାବାର୍ତ୍ତା ଜରିଆରେ ଗୋଆ ସମସ୍ୟାର ସମାଧାନ ଚାହିଁଲେ। କିନ୍ତୁ ଆଫ୍ରିକୀୟ ଦେଶ ଆଂଗୋଲାରେ ପର୍ତ୍ତୁଗୀଜମାନେ ଯେପରି ଦମନ ଲୀଳା ଚଳାଇ ବିଦ୍ରୋହ ଦମନ କଲେ । ସେଥିରେ ଭାରତୀୟମାନେ ମ୍ରିୟମାଣ ହୋଇପଡ଼ିଲେ। ଗୋଆରୁ ପର୍ତ୍ତୁଗୀଜମାନଙ୍କୁ ବିତାଡ଼ିତ କରିଦେବାପାଇଁ କେନ୍ଦ୍ର ସରକାର ଉପରେ ଚାପ ବଢ଼ିଚାଲିଲା। ଆମେରିକା ସରକାର ପର୍ତ୍ତୁଗୀଜ କର୍ତ୍ତୃପକ୍ଷଙ୍କୁ ବୁଝାଇବାକୁ ଚେଷ୍ଟାକଲେ। ତାହା ବିଫଳ ହେଲା। ୧୯୬୧ ମସିହା ଡିସେମ୍ବର ୧୮ ତାରିଖରେ ଭାରତୀୟ ସୈନ୍ୟବାହିନୀ ଗୋଆରେ ପ୍ରବେଶ କଲେ ଓ ସେଠାରେ ଉପସ୍ଥିତଥିବା ପର୍ତ୍ତୁଗୀଜ ସୈନ୍ୟଙ୍କୁ ପରାଜିତ କଲେ। ପର୍ତ୍ତୁଗୀଜ ସରକାର ଏହାକୁ ଏକ ଆକ୍ରମଣ ବୋଲି ବର୍ଣ୍ଣନା କରି ଜାତିସଂଘର ସୁରକ୍ଷା ପରିଷଦରେ ଏହି ପ୍ରସଙ୍ଗ ଉତ୍‌ଥାପନ କଲେ। କିନ୍ତୁ ଭାରତର ସୈନ୍ୟ ପ୍ରତ୍ୟାହାର ପ୍ରସ୍ତାବଟି ଋଷୀୟ ଭିଟୋ ବଳରେ ଅକାମି ହୋଇଗଲା। ପରଦିନ ଅର୍ଥାତ ଡିସେମ୍ବର ୧୯ ତାରିଖଦିନ ଗୋଆରେ ଅବସ୍ଥାପିତ ପର୍ତ୍ତୁଗୀଜ ଗଭର୍ଣ୍ଣର ଶରଣ ପତ୍ରରେ ସ୍ୱାକ୍ଷର କରି ଭାରତର ଶରଣାଗତ ହେଲେ। ଗୋଆରୁ ୪୫୦ ବର୍ଷର ପର୍ତ୍ତୁଗୀଜର ଶାସନ ଅବସାନ ହେଲା। ଗୋଆକୁ ଭାରତ ସହିତ ମିଶାଇ ଦିଆଗଲା। ଦାମନ ଓ ଡିଉ ସହିତ ଗୋଆକୁ ମିଶାଇ ଏକ କେନ୍ଦ୍ର ଶାସିତ ଅଞ୍ଚଳ ସୃଷ୍ଟି କରାଗଲା।

୧୯୬୩ ମସିହାରେ ଗୋଆରେ ସାଧାରଣ ନିର୍ବାଚନ ହେଲା। ୧୯୬୭ ମସିହାରେ ଗୋଆରେ ଏକ ଗଣଭୋଟ ଆୟୋଜିତ ହେଲା। ପ୍ରଶ୍ନଥିଲା ଗୋଆ ମହାରାଷ୍ଟ୍ରରେ ମିଶିବ ନା ଅଲଗା ରହିବ। ଗୋଆର ଲୋକମାନେ ମହାରାଷ୍ଟ୍ର ସହିତ ମିଶିବା ସପକ୍ଷରେ ନଥିଲେ । ତେବେ ୧୯୮୭ ମସିହା ମେ ୩୦ ତାରିଖ ଦିନ ଗୋଆକୁ ରାଜ୍ୟ ପାହ୍ୟା ପ୍ରଦାନ କରାଗଲା ଓ ଗୋଆ ହେଲା ଭାରତର ୨୫ତମ ରାଜ୍ୟ। ଦାମନ ଓ ଡିଉକୁ ଗୋଆରୁ ଅଲଗା କରିଦିଆଗଲା ଓ ସେମାନେ ସେହି ଦିନଠାରୁ ପୂର୍ବବତ୍ କେନ୍ଦ୍ରଶାସିତ ଅଞ୍ଚଳ ହୋଇ ରହିଲେ।

୧୯୫୪ ମସିହା ଜୁଲାଇ ୨୪ ତାରିଖଦିନ 'ଗୋଆର ମିଳିତ ସାମ୍ମୁଖ୍ୟ' ନାମକ ଏକ ଜନ ଅନୁଷ୍ଠାନ 'ଦାଦ୍ରା' ଅନ୍ତଃକ୍ଷେତ୍ରକୁ ନିଜ ଅକ୍ତିଆରକୁ ଆଣିଲେ। ସେହିବର୍ଷ ଅଗଷ୍ଟ ୨ ତାରିଖଦିନ 'ଆଜାଦ ଗୋମନ୍ତକ ଦଳ' ନଗର ହାବେଳି ଦଖଲ କରିନେଲେ। ଦାଦ୍ରା ଓ ନଗରହାବେଳି ଦଖଲ ବିରୋଧରେ ପର୍ତ୍ତୁଗାଲ ଆନ୍ତର୍ଜାତିକ ନ୍ୟାୟାଳୟରେ ଫେରାଦ ହେଲା। କିନ୍ତୁ ଏଥିରୁ ପର୍ତ୍ତୁଗାଲର କିଛି ଲାଭ ହେଲାନାହିଁ। ୧୯୬୧ ମସିହା ଅଗଷ୍ଟ ୧୧ରେ ଦାଦ୍ରା ଓ ନଗର ହାବେଳିକୁ ଭାରତ ସହିତ ମିଶାଇ ଦିଆଗଲା ଏବଂ ଏହାକୁ ଏକ କେନ୍ଦ୍ର ଶାସିତ ଅଞ୍ଚଳର ମାନ୍ୟତା ଦିଆଗଲା।

**ତୁମ ପାଇଁ କାମ**

***ଗୋଆ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଦାମନ ଓ ଡିଉ ଏବଂ ଦାଦ୍ରା ଓ ନଗର ହାବେଳିର ରାଜଧାନୀମାନଙ୍କର ନାମ, ଲୋକମାନଙ୍କର ମୁଖ୍ୟଭାଷା ଏବଂ ଦର୍ଶନୀୟ ସ୍ଥାନଗୁଡ଼ିକର ଏକ ବିବରଣୀ ପ୍ରସ୍ତୁତ କର ।***

## ଭାରତ ସହିତ ପୁଦୁଚେରୀର ମିଶ୍ରଣ :

ଭାରତରେ ବିକ୍ଷିପ୍ତ ହୋଇ ରହିଥିବା ଫରାସୀ ଶାସନାଧୀନ ଅନ୍ତଃକ୍ଷେତ୍ରଗୁଡ଼ିକ ଥିଲା ପୁଦୁଚେରୀ, ଚନ୍ଦର ନଗର, କରାଇକଲ, ମାହେ ଓ ୟାନାମ । ଭାରତର ସ୍ୱାଧୀନତା ପରେ ଭାରତ ସରକାର ଏହି ସବୁ ଅନ୍ତଃକ୍ଷେତ୍ରଗୁଡ଼ିକୁ ଭାରତ ସହିତ ମିଶାଇଦେବା ପାଇଁ ଫରାସୀ ଶାସକମାନଙ୍କ ସହିତ ଆଲୋଚନା କଲେ। ଆଲୋଚନାର ଫଳସ୍ୱରୂପ ୧୯୪୮ ମସିହାରେ ଫ୍ରାନସ ଓ ଭାରତ ମଧ୍ୟରେ ଏକଚୁକ୍ତି ସ୍ୱାକ୍ଷରିତ ହେଲା। ସେହିସବୁ ଅନ୍ତଃକ୍ଷେତ୍ରରେ ଗଣଭୋଟ ଅନୁଷ୍ଠିତ ହେବାପାଇଁ ସ୍ଥିର କରାଗଲା । ୧୯୪୯ ଜୁନ ୧୯ରେ ଚନ୍ଦରନଗରରେ ଗଣଭୋଟ ଅନୁଷ୍ଠିତ ହେଲା। ଭାରତ ସହିତ ମିଶିବା ପାଇଁ ୩,୪୭୩ ଏବଂ ଫରାସୀ ଉପନିବେଶ ସପକ୍ଷରେ ମାତ୍ର ୧୧୪ ଜଣ ମତ ସାବ୍ୟସ୍ତ କଲେ। ୧୯୫୦ ମେ ୨ ତାରିଖ ଦିନ ବିଧିବଦ୍ଧ ଭାବରେ ଏହା ଭାରତର ଅନ୍ତର୍ଭୁକ୍ତ ହେଲା।

ୟାନାମ ଓ ମାହେରେ ଏଡ୍‌ୱାର୍ଡ଼ ଗୋବର୍ଟ ନାମକ ଜଣେ ଫରାସୀ ଶାସକ ଜନଆନ୍ଦୋଳନକୁ ବଳ ପ୍ରୟୋଗ କରି ଦମନ କରିବାକୁ ଚେଷ୍ଟା କଲେ। କିନ୍ତୁ ୧୯୫୪ ରେ ଭାରତ ସପକ୍ଷ ଜନ ଆନ୍ଦୋଳନକାରୀମାନେ ୟାନାମ ଓ ମାହେରେ କ୍ଷମତା ଦଖଲ କଲେ। ୧୯୫୪ ମସିହା ଅକ୍ଟୋବର ମାସରେ ପୁଦୁଚେରୀ ଓ କରାଇକଲରେ ଜନମତ ନିଆଗଲା। ଜନମତ ଭାରତ ସହିତ ମିଶ୍ରଣ ସପକ୍ଷରେ ଗଲା।



(ଶ୍ରୀଅରବିନ୍ଦ)

ସେହି ବର୍ଷ ନଭେମ୍ବର ୧ ତାରିଖ ଦିନ ପୁଦୁଚେରୀ ଓ କରାଇକଲର ବାସ୍ତବ ଶାସନ କ୍ଷମତା ଭାରତ ସରକାରଙ୍କ ହାତକୁ ଆସିଲା। ଫରାସୀ ଜାତୀୟ ସଭା ଏହି ମିଶ୍ରଣକୁ ୧୯୬୨ ମଇ ମାସରେ ଅନୁମୋଦନ କଲାପରେ ଭାରତର ଅଭ୍ୟନ୍ତରରେ ଥିବା ସମସ୍ତ ଫରାସୀ ଅନ୍ତଃକ୍ଷେତ୍ର ବିଧିବଦ୍ଧଭାବେ ଭାରତରେ ମିଶିଲେ। ପୁଦୁଚେରୀ ଏ ପର୍ଯ୍ୟନ୍ତ ଭାରତର ଏକ କେନ୍ଦ୍ର ଶାସିତ ଅଞ୍ଚଳ ହୋଇ ରହିଛି।

*ତୁମେ ଜାଣିଛ କି ?*

*ବର୍ତ୍ତମାନ ପୁଦୁଚେରୀ କ୍ଷେତ୍ରଫଳ ୪୮୯ ବର୍ଗ କିଲୋମିଟର। ଜନସଂଖ୍ୟା ୯,୭୪,୩୪୫। ଏହାର ରାଜଧାନୀ ପୁଦୁଚେରୀ। ଏହା ଏକ କେନ୍ଦ୍ରଶାସିତ ଅଞ୍ଚଳ ହୋଇଥିଲେ ସୁଦ୍ଧା ଏଠାରେ ତିରିଶ ଆସନ ବିଶିଷ୍ଟ ଏକ ନିର୍ବାଚିତ ଲୋକସଭା ଓ ରାଜ୍ୟସଭାରେ ଏହାର ଜଣେ ଲେଖାଏଁ ପ୍ରତିନିଧି ରହିଛନ୍ତି ।*

**ତୁମ ପାଇଁ କାମ**

***ପୁଦୁଚେରୀର ଭାଷା, ନୃତ୍ୟଗୀତ ଓ ଦର୍ଶନୀୟ ସ୍ଥାନଗୁଡ଼ିକ ସମ୍ପର୍କରେ ଏକ ବିବରଣୀ ପ୍ରସ୍ତୁତ କର ।***

❖ ❖ ❖

## ପ୍ରଶ୍ନାବଳୀ

**୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୬୦ଗୋଟି ଶବ୍ଦରେ ଲେଖ ।**

(କ) ସ୍ୱାଧୀନତା ପରେ ଭାରତରେ ଥିବା ଫରାସୀ ଉପନିବେଶ ସମ୍ପର୍କରେ ଏକ ଟିପ୍‌ପଣୀ ଲେଖ ?

(ଖ) ଗୋଆରେ ନିଜର ଶାସନ ଜାରି ରଖିବା ପାଇଁ ୧୯୪୭ ମସିହାରୁ ୧୯୬୧ ମସିହା ପର୍ଯ୍ୟନ୍ତ ପର୍ତ୍ତୁଗୀଜମାନେ କେଉଁ ପଦକ୍ଷେପମାନ ନେଇଥିଲେ ?

(ଗ) ୧୯୬୧ ମସିହାରେ କେଉଁ ପରିସ୍ଥିତିରେ ଭାରତୀୟ ସୈନ୍ୟ ବାହିନୀ ଗୋଆରେ ପ୍ରବେଶ କଲେ ?

(ଘ) ପର୍ତ୍ତୁଗୀଜ ଉପନିବେଶ ଗୁଡ଼ିକ କିପରି ଭାରତର ଭିନ୍ନ ଭିନ୍ନ ପାହ୍ୟାର ଅଂଶ ହେଲେ ?

(ଙ) ପୁଦୁଚେରୀ ଅଧୀନରେ ଥିବା ଫରାସୀ ଶାସନାଧୀନ ଅନ୍ତଃକ୍ଷେତ୍ର ଗୁଡ଼ିକ କିପରି ଭାରତ ସହିତ ମିଶିଲେ ?

**୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୨୦ଗୋଟି ଶବ୍ଦରେ ଲେଖ ।**

(କ) ପର୍ତ୍ତୁଗୀଜଶାସିତ ଭାରତରେ ଅବସ୍ଥିତ ଅନ୍ତଃକ୍ଷେତ୍ରଗୁଡ଼ିକର ଭୌଗୋଳିକ ଅବସ୍ଥିତି ବିଷୟରେ ଆଲୋକପାତ କର ।

(ଖ) ଫରାସୀ ଶାସନାଧୀନ ଅନ୍ତଃକ୍ଷେତ୍ରଗୁଡ଼ିକ ଭାରତରେ କେଉଁ ଅଞ୍ଚଳରେ ଅବସ୍ଥିତ ଥିଲା ?

(ଗ) ପର୍ତ୍ତୁଗୀଜମାନେ କାହା ସହାୟତାରେ ଓ କେବେ ଗୋଆ ଅଧିକାର କରିଥିଲେ ?

(ଘ) କେବେ ଓ କାହିଁକି ଗୋଆ ଦାମନ ଓ ଡିଉର ଜନସାଧାରଣ ଏକ ବିରାଟ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ?

(ଙ) ଆନ୍ତର୍ଜାତିକ ନ୍ୟାୟାଳୟରେ ପର୍ତ୍ତୁଗୀଜ ସରକାର କି ପ୍ରାର୍ଥନା କରିଥିଲେ ?

(ଚ) ଗୋଆରୁ ପର୍ତ୍ତୁଗୀଜମାନଙ୍କୁ ବିତାଡିତ କରିବା ପାଇଁ ଭାରତ ସରକାର କି ପଦକ୍ଷେପମାନ ଗ୍ରହଣ କରିଥିଲେ ?

(ଛ) କେବେ ଗୋଆକୁ ରାଜ୍ୟ ପାହ୍ୟା ଦିଆଯାଇଥିଲା ? ଏହାପରେ ଭାରତରେ ସମୁଦାୟ ରାଜ୍ୟ ସଂଖ୍ୟା କେତେ ହେଲା ?

(ଜ) ଦାଦ୍ରା ଓ ନଗର ହାବେଳିର ସ୍ୱାଧୀନତା ପାଇଁ କେଉଁ ଅନୁଷ୍ଠାନଗୁଡ଼ିକ କାର୍ଯ୍ୟ କରିଥିଲେ ?

(ଝ) ଭାରତରେ ଥିବା ଫରାସୀ ଅନ୍ତଃକ୍ଷେତ୍ର ଜନମତର ଫଳାଫଳ କ'ଣ ଥିଲା ?

(ଞ) ୧୯୫୪ ଅକ୍ଟୋବରରେ କେଉଁ ଅଞ୍ଚଳଗୁଡ଼ିକରେ ଜନମତ ନିଆଯାଇଥିଲା ?

**୩. ପ୍ରତ୍ୟେକ ପ୍ରଶ୍ନରେ ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

(କ) ମାହେ କେଉଁଠାରେ ଅବସ୍ଥିତ ଥିଲା ?

(ଖ) ଭାରତରେ ଥିବା ଫରାସୀ ଉପନିବେଶମାନଙ୍କର ସଦର ସହକୁମା କେଉଁଠାରେ ଥିଲା ?

(ଗ) କେଉଁମାନଙ୍କ ଶାସନ ସମୟରେ ଗୋଆ ମୁସଲମାନ ଶାସନ ଅଧୀନକୁ ଆସିଲା ?

(ଘ) ଗୋଆ, ଦାମନ ଓ ଡିୟୁ ଜନସାଧାରଣଙ୍କ ବିକ୍ଷୋଭରେ ପୁଲିସ ଗୁଳିଚାଳନା ଫଳରେ କେତେ ଜଣ ମରିଥିଲେ ?

(ଙ) କେଉଁଦିନ ଭାରତୀୟ ସୈନ୍ୟବାହିନୀ ଗୋଆରେ ପ୍ରବେଶ କଲେ ?

(ଚ) କେଉଁଦିନ ଏକ ଜନ ଅନୁଷ୍ଠାନ ଦାଦ୍ରା ଅନ୍ତଃକ୍ଷେତ୍ରକୁ ପର୍ତ୍ତୁଗୀଜମାନଙ୍କ କବଳରୁ ଉଦ୍ଧାର କରି ନିଜ ନିୟନ୍ତ୍ରଣକୁ ଆଣିଲେ ?

(ଛ) କେଉଁଦିନ ନଗର ହାବେଳି ଦଖଲ କରାଯାଇଥିଲା ?

(ଜ) ଚନ୍ଦନନଗର ବିଧିବଦ୍ଧଭାବେ କେବେ ଭାରତରେ ମିଶିଥିଲା ?

(ଝ) ପୁଦୁଚେରୀ ଓ କରାଇକଲର ବାସ୍ତବ ଶାସନ କ୍ଷମତା ଭାରତ ସରକାରଙ୍କ ଅଧୀନକୁ କେବେ ଆସିଲା ?

(ଞ) ଫରାସୀ ଉପନିବେଶଗୁଡ଼ିକର ଭାରତରେ ମିଶ୍ରଣକୁ ଫରାସୀ ଜାତୀୟ ସଭା କେବେ ଅନୁମୋଦନ କଲା ?

**୪. ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ତା'ର କ୍ରମିକ ନମ୍ବର ସହିତ ଲେଖ ?**

(କ) କେଉଁଟି ପର୍ତ୍ତୁଗୀଜ ଉପନିବେଶ ନୁହେଁ ?

(i) ଦାଦ୍ରା (ii) ଦାମନ୍ iii) ନଗର ହାବେଳି (iv) ମାହେ

(ଖ) କେବେ ଗୋଆର ପର୍ତ୍ତୁଗୀଜ ଗଭର୍ଣ୍ଣର ଶରଣପତ୍ରରେ ସ୍ୱାକ୍ଷର କଲେ ?

i) ୧୯୬୧ ଡିସେମ୍ବର ୧୮ (ii) ୧୯୬୧ ଡିସେମ୍ବର ୧୯

iii) ୧୯୬୧ ଅଗଷ୍ଟ ୧୧ iv) ୧୯୪୭ ମଇ ୩୦

(ଗ) ଗୋଆରେ କେବେ ସାଧାରଣ ନିର୍ବାଚନ ହେଲା ?

i) ୧୯୬୦ ii) ୧୯୬୧

iii) ୧୯୬୩ iv) ୧୯୬୭

(ଘ) ୧୯୪୯ ଜୁନ୍ ୧୯ରେ କେଉଁଠାରେ ଗଣ ଭୋଟ ଅନୁଷ୍ଠିତ ହୋଇଥିଲା ?

i) ପୁଦୁଚେରୀ ii) ୟାନାମ

iii) ଚନ୍ଦନନଗର iv) କରାଇକଲ

(ଙ) ଏଡ଼ୱାର୍ଡ଼ ଗୋବର୍ଟ କେଉଁଠାରେ ଜନଆନ୍ଦୋଳନକୁ ଦମନ କରିବାକୁ ଚେଷ୍ଟା କରିଥିଲେ ?

i) ଗୋଆ ii) ପୁଦୁଚେରୀ

iii) ଦାମନ iv) ୟାନାମ

**୫. ପାଠରେ ଦିଆଯାଇଥିବା "ତୁମ ପାଇଁ କାମ" ଗୁଡ଼ିକ ଶିକ୍ଷକଙ୍କ ନିର୍ଦ୍ଦେଶନା ଓ ସହାୟତାରେ ସମ୍ପାଦନ କର ।**

❖ ❖ ❖

# ଚତୁର୍ଥ ପାଠ

# ସ୍ୱାଧୀନତା ପରବର୍ତ୍ତୀ ଭାରତୀୟ ଅର୍ଥନୀତି

ପ୍ରାୟ ଦୁଇଶହ ବର୍ଷର ବ୍ରିଟିଶ ଔପନିବେଶିକ ଶାସନ ଭାରତର ଅର୍ଥନୀତିକୁ ରୁଗ୍ଣ ଓ ପଙ୍ଗୁ କରିଦେଇଥିଲା। ଊନବିଂଶ ଓ ବିଂଶ ଶତାବ୍ଦୀର ଆଦ୍ୟଭାଗରେ ବିଶ୍ୱରେ ବ୍ୟାପକ ଶିଳ୍ପାୟନ ଓ ଆର୍ଥନୀତିକ ପ୍ରଗତି ପରିଲକ୍ଷିତ ହୋଇଥିଲା। କିନ୍ତୁ ଭାରତ ଓ ଭାରତ ଭଳି ସାମ୍ରାଜ୍ୟବାଦ ଶାସନ ଦ୍ୱାରା ନିଷ୍ପେସିତ ହେଉଥିବା ଦେଶମାନଙ୍କରେ କୌଣସି ପ୍ରଗତି ପରିଲକ୍ଷିତ ହୋଇନଥିଲା ଏବଂ ଅନେକଗୁଡ଼ିଏ ଆର୍ଥନୀତିକ ସମସ୍ୟା ମୁଣ୍ଡଟେକି ସାରିଥିଲା। ଭାରତର ପ୍ରମୁଖ ସମସ୍ୟାଗୁଡ଼ିକ ଥିଲା ପରିବ୍ୟାପ୍ତ ଦାରିଦ୍ର୍ୟ; ନିରକ୍ଷରତା ଓ ଅଜ୍ଞାନତା; ବିପର୍ଯ୍ୟସ୍ତ କୃଷିବ୍ୟବସ୍ଥା; ଶିଳ୍ପାୟନ କ୍ଷେତ୍ରରେ ସ୍ଥାଣୁତା ଏବଂ ହସ୍ତ ଓ କୁଟୀର ଶିଳ୍ପର ଅଧୋଗତି। ଭାରତର ଏହି ବିପର୍ଯ୍ୟସ୍ତ ଅର୍ଥବ୍ୟବସ୍ଥାକୁ ବିକାଶର ଦ୍ୱାର ଦେଶରେ ପହଞ୍ଚାଇ ଦେବାପାଇଁ କେତେକ ସୁବିଧା ଏ ଦେଶରେ ଉପଲବ୍ଧ ଥିଲା। ଏହି ସୁବିଧାଗୁଡ଼ିକ ଥିଲା ୧୯୧୪ ରୁ ୧୯୪୭ ମସିହା ମଧ୍ୟରେ ଭାରତୀୟ ଶିଳ୍ପାୟନକୁ ଆଗକୁ ନେଇଆଣି ପାରିଥିବା କେତେକ ପୁଞ୍ଜିପତି ଓ ଉଦ୍ୟୋଗପତିଙ୍କ ଉପସ୍ଥିତି; ଭାରତର ପର୍ଯ୍ୟାପ୍ତ ଖଣିଜ ସମ୍ପଦ ଓ ପ୍ରାକୃତିକ ବିଭବ; ଭାରତର ମାନବ ସମ୍ପଦ ଏବଂ ଭାରତୀୟମାନଙ୍କ ହାତରେ ଥିବା ବ୍ୟାଙ୍କ, ବୀମା ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଆର୍ଥିକ ଉପଚାର। ମୋଟାମୋଟି କହିବାକୁ ଗଲେ ସ୍ୱାଧୀନତା ବେଳକୁ ଭାରତବର୍ଷରେ ଏକ ନିଜସ୍ୱ ଆର୍ଥନୀତିକ ଭିତ୍ତିଭୂମି ଉପଲବ୍ଧ ଥିଲା। ଏହି ଭିତ୍ତିଭୂମି ଉପରେ ଏକ ସବଳ ଓ ଦୃଢ଼ ଅର୍ଥନୀତି ପ୍ରତିଷ୍ଠା କରାଯାଇ ପାରିବାର ଅଶା ଥିଲା। ସ୍ୱାଧୀନତା ବେଳକୁ ସ୍ୱଳ୍ପ ହେଲେବି କେତେକ ଭାରତୀୟ ଶିଳ୍ପପତି ଓ ଉଦ୍ୟୋଗପତି ଦେଶର ଶିଳ୍ପ, ବାଣିଜ୍ୟ, ବ୍ୟାଙ୍କିଙ୍ଗ ଓ ବୀମାକ୍ଷେତ୍ରରେ ସେମାନଙ୍କର ଆସନ ଜମାଇ ସାରିଥିଲେ।

ଭାରତ ସ୍ୱାଧୀନ ହେବାପରେ କେଉଁ ଦୃଷ୍ଟିଭଙ୍ଗୀରେ ଭାରତୀୟ ଅର୍ଥନୀତିକୁ ଠିକ୍ ଦିଗ୍‌ଦର୍ଶନ ଦିଆଯାଇପାରିବ ସେ ସମ୍ବନ୍ଧରେ ବିଶେଷ ମତପାର୍ଥକ୍ୟ ନଥିଲା। ସେତେବେଳେ ଭାରତୀୟ ଅର୍ଥନୀତିକୁ ସୁଧାରିବା ପାଇଁ ଯେଉଁ ସବୁ ପଦକ୍ଷେପ ନେବାର ଆବଶ୍ୟକତା ଥିଲା ସେଗୁଡ଼ିକ ହେଲା ଆତ୍ମନିର୍ଭରଶୀଳତା, ଆମଦାନୀ ହ୍ରାସକରି ଓ ବ୍ୟାବସାୟିକ ସନ୍ତୁଳନକୁ ବଜାୟ ରଖି ଭାରତୀୟ ବ୍ୟବସାୟକୁ ଶକ୍ତିପ୍ରଦାନ କରିବା ପାଇଁ ଦ୍ରୁତ ଶିଳ୍ପାୟନ; ଭାରତରେ ପୁଞ୍ଜିବିନିଯୋଗ କ୍ଷେତ୍ରରେ ସାମ୍ରାଜ୍ୟବାଦୀ ଓ ବିଦେଶ ପୁଞ୍ଜିପତି ଓ ଉଦ୍ୟୋଗପତିମାନଙ୍କୁ ଯଥାସମ୍ଭବ ବାରଣ; ଜମିଦାରୀ ପ୍ରଥା ଉଚ୍ଛେଦକରି ଭୂସଂସ୍କାର କାର୍ଯ୍ୟକାରୀ କରିବା ଓ ରୟତମାନଙ୍କୁ ସେମାନଙ୍କର ସ୍ୱତ୍ୱ ଓ ଅନ୍ୟାନ୍ୟ ସୁବିଧା ପ୍ରଦାନ; ସମବାୟ ଆନ୍ଦୋଳନକୁ ଶକ୍ତିଶାଳୀ କରିବା; ଭାରତର ବିପୁଳ ଜନସମ୍ବଳକୁ ଉପଯୁକ୍ତ ପ୍ରଶିକ୍ଷଣ ପ୍ରଦାନକରି ଦେଶର ପ୍ରଗତି ପାଇଁ ବିନିଯୋଗ କରିବା; କୁଟୀରଶିଳ୍ପକୁ ପ୍ରୋତ୍ସାହିତକରି ଗ୍ରାମୀଣ ଅର୍ଥନୀତିର ଦୃଢ଼ୀକରଣ; ବୃହତ୍ ଶିଳ୍ପଗୁଡ଼ିକ ସରକାରୀ ଉଦ୍ୟୋଗରେ ପ୍ରତିଷ୍ଠା; ସରକାରୀ ଓ ବେସରକାରୀ ଉଦ୍ୟୋଗକୁ ସମାନ ସୁଯୋଗ ପ୍ରଦାନକରି ଏକ ପ୍ରକାର ମିଶ୍ରିତ ଅର୍ଥନୀତିର ପରିବେଶ ସୃଷ୍ଟି; ଅନୁସୂଚିତ ଜାତି ଓ ଜନଜାତିମାନଙ୍କୁ ଭାରତରେ ଆର୍ଥନୀତିକ ପ୍ରଗତି ସ୍ରୋତରେ ସାମିଲ କରିବା।

ସ୍ୱାଧୀନତା ପ୍ରାପ୍ତିପରେ ଏ ସବୁ କୁ କାର୍ଯ୍ୟକ୍ଷମ କରିବାରେ କୌଣସି ପ୍ରତିବନ୍ଧକ ନଥିଲା। ଶିଳ୍ପାୟନ ଉଦ୍ଦେଶ୍ୟରେ ଏକ ବ୍ୟାପକ ପରିବେଶ ସୃଷ୍ଟି କରିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆସରିଥିଲା। ଭାରତ ସହିତ ଦେଶୀୟ ରାଜ୍ୟଗୁଡ଼ିକ ସର୍ବାନ୍ତକରଣରେ ମିଶିଯିବାପରେ ଖଣିଜସମ୍ପଦ ବିନିଯୋଗ କରିବା ବା ସାରାଦେଶରେ ନିରଙ୍କୁଶ ବାଣିଜ୍ୟ ବ୍ୟବସାୟ କରିବାରେ କୌଣସି ବାଧାବିଘ୍ନ ରହିଲାନାହିଁ। ଅନେକ ପଦାର୍ଥର ମାଲିକାନା ସ୍ୱତ୍ୱ କେନ୍ଦ୍ରସରକାର ବା ରାଜ୍ୟସରକାରଙ୍କ ହାତରେ ରହିଲା। ସାରାଦେଶରେ ଅବାଧ

ଯୋଗାଯୋଗ, ଗମନାଗମନ, ପରିବହନ କ୍ଷେତ୍ରରେ କୌଣସି ପ୍ରତିବନ୍ଧକ ରହିଲା ନାହିଁ।


## ଯୋଜନା ଆୟୋଗ ଓ ପଞ୍ଚବାର୍ଷିକ ଯୋଜନା :

୧୯୫୦ ମସିହା ମାର୍ଚ୍ଚ ୧୫ ତାରିଖରେ ଭାରତ ସରକାର ଯୋଜନା ଆୟୋଗ ଗଠନ କଲେ। ପ୍ରଧାନମନ୍ତ୍ରୀ ଏହାର ଚେୟାର୍‌ମେନ୍ ରହିଲେ । ପ୍ରଥମ ପଞ୍ଚବାର୍ଷିକ ଯୋଜନା ପାଇଁ ଚିଠା ପ୍ରସ୍ତୁତ ହେଲା। ୧୯୫୧ ରୁ ୧୯୫୬ ମସିହା ପର୍ଯ୍ୟନ୍ତ ପ୍ରଥମ ପଞ୍ଚବାର୍ଷିକ ଯୋଜନା କାର୍ଯ୍ୟକାରୀ ହେଲା। ଏହି ଯୋଜନାକାଳରେ କୃଷି ଓ ଜଳସେଚନ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ୧୯୫୨ ଅଗଷ୍ଟ ୬ ତାରିଖରେ ଜାତୀୟ ଉନ୍ନୟନ ପରିଷଦ ପ୍ରତିଷ୍ଠା କରାଗଲା। ୧୯୫୬ ରୁ ୧୯୬୧ ମସିହା ଥିଲା ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାର କାର୍ଯ୍ୟକାଳ।

**ତୁମ ପାଇଁ କାମ**

***କେଉଁମାନେ ଜାତୀୟ ଉନ୍ନୟନ ପରିଷଦର ସଦସ୍ୟ ଏବଂ ଏହାର ମୁଖ୍ୟ କାର୍ଯ୍ୟଗୁଡ଼ିକ କ'ଣ ?***

ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାର ରୂପରେଖ ପ୍ରସ୍ତୁତ କରିଥିଲେ ବିଶିଷ୍ଟ ଅର୍ଥନୀତିଜ୍ଞ ପ୍ରଫେସର ପି.ସି. ମାହାଲାନୋବିସ । ଭାରତୀୟ ସମାଜରେ ସମାଜବାଦୀ ବ୍ୟବସ୍ଥାର ପ୍ରଚଳନ ଥିଲା ଏହି ପଞ୍ଚବାର୍ଷିକ ଯୋଜନାର ପ୍ରଧାନ ଉଦ୍ଦେଶ୍ୟ। ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟଗୁଡ଼ିକ ଥିଲା ଜାତୀୟ ଆୟର ବୃଦ୍ଧି, ମୌଳିକ ଓ ବୃହତ ଶିଳ୍ପାୟନକୁ ଗୁରୁତ୍ୱଦେଇ ଶିଳ୍ପର ବିକାଶ ନିଯୁକ୍ତି ସୁଯୋଗ ଦେବାପାଇଁ ବ୍ୟାପକ ବ୍ୟବସ୍ଥା ଏବଂ ଆୟ ଓ ସମ୍ପତ୍ତିର ସୁଷମ ବଣ୍ଟନ। ଶିଳ୍ପ କ୍ଷେତ୍ରରେ ପୁଞ୍ଜି ବିନିଯୋଗକୁ ଉତ୍ସାହିତ କରିବା ଏହି ଯୋଜନାର ଉଦ୍ଦେଶ୍ୟ ଥିଲା । ଶିଳ୍ପାୟନ ଓ ସରକାରୀ ଉଦ୍ୟୋଗ ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦିଆଗଲା। ବିଦେଶୀ ଜ୍ଞାନ କୌଶଳକୁ ଉପଯୋଗ କରି ୩ଟି ସମନ୍ୱିତ ଇସ୍ପାତ ପ୍ରକଳ୍ପ ମଧ୍ୟ ନିର୍ମିତ ହେଲା।



(ରାଉରକେଲା ଇସ୍ପାତ କାରଖାନା)

**ତୁମ ପାଇଁ କାମ**

***ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା କାଳରେ ସରକାରୀ ଉଦ୍ୟୋଗରେ ପ୍ରତିଷ୍ଠିତ ତିନୋଟି ଲୌହ ଇସ୍ପାତ କାରଖାନାର ପ୍ରତିଷ୍ଠା ସମୟ ଓ ସ୍ଥାନ ଏବଂ ଏଥିରେ ଯେଉଁ ବିଦେଶୀ ରାଷ୍ଟ୍ରଗୁଡ଼ିକର ଜ୍ଞାନ କୌଶଳ ଉପଯୋଗ କରାଯାଇଥିଲା, ସେମାନଙ୍କ ନାମ ଉଲ୍ଲେଖ କର ।***

୧୯୬୧ ରୁ ୧୯୬୬ ଥିଲା ତୃତୀୟ ପଞ୍ଚବାର୍ଷିକ ଯୋଜନାର କାର୍ଯ୍ୟକାଳ। ୧୯୬୨ରେ ଚୀନର ଭାରତ ଉପରେ ଆକ୍ରମଣ ଓ ୧୯୬୫ରେ ଭାରତ ପାକିସ୍ଥାନ ଯୁଦ୍ଧ ଯୋଗୁଁ ଏହି ଯୋଜନା ବିଶେଷ ଫଳପ୍ରଦ ହୋଇପାରିଲା ନାହିଁ। ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟଥିଲା ଜାତୀୟ ଆୟକୁ ଶତକଡ଼ା ୩୦ ଭାଗ ବୃଦ୍ଧି କରିବା ଏବଂ ମୁଣ୍ଡପିଛା ଆୟ ଅନ୍ୟୂନ ୧୭% ବଢ଼ାଇବା। ଏହା ବ୍ୟତୀତ ଏହି ପଞ୍ଚବାର୍ଷିକ ଯୋଜନାଗୁଡ଼ିକ ହେଲା ଯେଉଁ ଲକ୍ଷ୍ୟଗୁଡ଼ିକ ରଖି କାର୍ଯ୍ୟାରମ୍ଭ କରିଥିଲା ତାହା ହେଲା; ଜାତୀୟ ଆୟରେ ବାର୍ଷିକ ୫% ଅଭିବୃଦ୍ଧି, ପୁଞ୍ଜିନିବେଶକୁ ପ୍ରୋତ୍ସାହନ, ଖାଦ୍ୟଶସ୍ୟ ଉତ୍ପାଦନରେ ସ୍ୱାବଲମ୍ବନଶୀଳତା, ଶିଳ୍ପାୟନ ଓ ରପ୍ତାନୀ ପାଇଁ କୃଷି ଉତ୍ପାଦନର ବୃଦ୍ଧି, ଲୌହ ଇସ୍ପାତ, ରସାୟନ, ଇନ୍ଧନ ଓ ଶକ୍ତି ପ୍ରକଳ୍ପକୁ ପ୍ରୋତ୍ସାହନ, କଳକବ୍‌ଜା ଉତ୍ପାଦନ, ରୋଜଗାରର ସୁଯୋଗ ସୃଷ୍ଟି ଓ ଭାରତରେ ଉପଲବ୍ଧ ମାନବସମ୍ବଳର ସଦୁପଯୋଗ ଏବଂ ଧନୀ ଓ ଦରିଦ୍ରଙ୍କ ମଧ୍ୟରେ ଆର୍ଥନୀତିକ ତାରତମ୍ୟର ହ୍ରାସ । ୧୯୬୬ ରୁ ୧୯୬୯

ପର୍ଯ୍ୟନ୍ତ ତିନୋଟି ବାର୍ଷିକ ଯୋଜନା କାର୍ଯ୍ୟକାରୀ ହେଲା। ୪ର୍ଥ ପଞ୍ଚବାର୍ଷିକ ଯୋଜନା ଚାଲିଲା ୧୯୬୯ ରୁ ୧୯୭୪ ମସିହା ପର୍ଯ୍ୟନ୍ତ। ୪ର୍ଥ ପଞ୍ଚବାର୍ଷିକ ଯୋଜନାରେ ମୁଖ୍ୟ ଉଦ୍ଦେଶ୍ୟ ଥିଲା କୃଷିଜାତଦ୍ରବ୍ୟର ଅଧିକ ଉତ୍ପାଦନ। ଜନସାଧାରଣଙ୍କ ଜୀବନଧାରଣର ମାନକୁ ଉନ୍ନତ କରିବା ପାଇଁ ଏହି ଯୋଜନାକାଳରେ ସମତା ଓ ସାମାଜିକ ନ୍ୟାୟ ଉପରେ ଗୁରୁତ୍ୱ ଦିଆଗଲା। ଧନୀ ଓ ଦରିଦ୍ରଙ୍କ ମଧ୍ୟରେ ଥିବା ତାରତମ୍ୟକୁ ହ୍ରାସ କରିବା ପାଇଁ ଏହି ଯୋଜନାରେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ୧୯୬୯ ରେ ୧୪ଟି ବ୍ୟାଙ୍କକୁ ଜାତୀୟକରଣ କରାଗଲା। ବ୍ୟାଙ୍କ ଓ ଅନ୍ୟାନ୍ୟ ଋଣପ୍ରଦାନ କରୁଥିବା ସଂସ୍ଥାଗୁଡ଼ିକୁ ଲୋକଙ୍କ ନିକଟତର କରାଗଲା। କୃଷିର ବିକାଶ ଉପରେ ଅଧିକ ଗୁରୁତ୍ୱ ଦିଆଗଲା। ତେବେ ବାଂଲାଦେଶୀ ଶରଣାର୍ଥୀ ସମସ୍ୟା ଓ ୧୯୭୧ର ଭାରତ ପାକିସ୍ଥାନ ଯୁଦ୍ଧ ଯୋଗୁଁ ଏହି ପଞ୍ଚବାର୍ଷିକ ଯୋଜନା ଆଶାନୁରୂପ ସଫଳତା ହାସଲ କରିପାରିଲା ନାହିଁ। ଏହି ଯୋଜନାକାଳରେ ଦରଦାମ ଆଶାତୀତ ଭାବରେ ବୃଦ୍ଧିପ୍ରାପ୍ତ ହେଲା।

ପଞ୍ଚମ ପଞ୍ଚବାର୍ଷିକ ଯୋଜନା ୧୯୭୪ ରୁ ୧୯୭୯ ମଧ୍ୟରେ କାର୍ଯ୍ୟକାରୀ ହେଲା। ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟଥିଲା ଆର୍ଥନୀତିକ ଆତ୍ମନିର୍ଭରଶୀଳତା ହାସଲ। ଏହି ଯୋଜନାକୁ ୧୯୭୮ ରୁ ବନ୍ଦ କରି ଦିଆଗଲା। ୧୯୭୮ ରୁ ୧୯୮୦ ପର୍ଯ୍ୟନ୍ତ ପଞ୍ଚବାର୍ଷିକ ଯୋଜନା କାର୍ଯ୍ୟକାରୀ ହେଲା ନାହିଁ। ୧୯୮୦ ରୁ ୧୯୮୫ ଓ ୧୯୮୫ ରୁ ୧୯୯୦ ଯଥାକ୍ରମେ ଷଷ୍ଠ ଓ ସପ୍ତମ ପଞ୍ଚବାର୍ଷିକ ଯୋଜନା କାର୍ଯ୍ୟକାରୀ ହେଲା। ଦାରିଦ୍ର୍ୟ ଦୂରୀକରଣ ଥିଲା ଷଷ୍ଠ ପଞ୍ଚବାର୍ଷିକ ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ। ଏହି ଯୋଜନାରେ ଉଭୟ କୃଷି ଓ ଶିଳ୍ପ ପାଇଁ ଭିତ୍ତିଭୂମି ପ୍ରତିଷ୍ଠା କରିବାରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଯୋଜନାରେ ଶତକଡ଼ା ୫.୨ ଜାତୀୟ ଅଭିବୃଦ୍ଧି ହାର ହାସଲ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। ସପ୍ତମ ପଞ୍ଚବାର୍ଷିକ ଯୋଜନାର ମୁଖ୍ୟ ଲକ୍ଷ୍ୟଗୁଡ଼ିକ ଥିଲା– ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି, ନିଯୁକ୍ତି ସୁଯୋଗ, ଆଧୁନିକୀକରଣ, ଆତ୍ମନିର୍ଭରଶୀଳତା ଏବଂ ସାମାଜିକ ନ୍ୟାୟ। ଏହି ପଞ୍ଚବାର୍ଷିକ ଯୋଜନା ଫଳରେ କିଛି ସୁଫଳ ମଧ୍ୟ ମିଳିଲା। ଖାଦ୍ୟଉତ୍ପାଦନ ଶତକଡ଼ା ୩.୨୩ ବୃଦ୍ଧି ପାଇଲା। ପଞ୍ଚମ ଯୋଜନା କାଳରେ ବେକାରୀ ସମସ୍ୟା ହ୍ରାସକରିବା ପାଇଁ ଓ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ଜବାହର ରୋଜଗାର ଯୋଜନା କାର୍ଯ୍ୟକାରୀ ହେଲା। ଏହି ଯୋଜନା କାଳରେ ସକଳ ଜାତୀୟ ଉତ୍ପାଦନ ଶତକଡ଼ା ୫.୮ ହାରରେ ବୃଦ୍ଧିପ୍ରାପ୍ତ ହେଲା। ଅଷ୍ଟମ ଯୋଜନା ଆରମ୍ଭ ହେଲା ଦୁଇ ବର୍ଷପରେ, ଅର୍ଥାତ୍ ୧୯୯୨ରେ ଓ ଏହା ୧୯୯୭ ପର୍ଯ୍ୟନ୍ତ ଚାଲିଲା। ଅଷ୍ଟମ ପଞ୍ଚବାର୍ଷିକ ଯୋଜନା ବାର୍ଷିକ ଶତକଡ଼ା ୫.୬ ଜାତୀୟ ଅଭିବୃଦ୍ଧି ହାର ପାଇଁ ଲକ୍ଷ୍ୟ ରଖିଥିଲା। ଶିଳ୍ପ ଅଭିବୃଦ୍ଧି ହାର ଲକ୍ଷ୍ୟ ଥିଲା ଶତକଡ଼ା ୭.୫। ଯୋଜନା ଶେଷରେ ଦେଖାଗଲା ଯେ ବାର୍ଷିକ ହାରାହାରି ଅଭିବୃଦ୍ଧି ହାର ହୋଇଛି ଶତକଡ଼ା ୬.୮। ଏହାଥିଲା ଧାର୍ଯ୍ୟ ଲକ୍ଷ୍ୟ ଠାରୁ ଶତକଡ଼ା ୧.୨ ଅଧିକ।

ବିଂଶ ଶତାବ୍ଦୀର ଶେଷ ଆଡ଼କୁ ୧୯୯୭ ମସିହାରେ ଆରମ୍ଭ ହେଲା **ନବମ ପଞ୍ଚବାର୍ଷିକ ଯୋଜନା**। ଏହି ପଞ୍ଚବାର୍ଷିକ ଯୋଜନାର ଉଦ୍ଦେଶ୍ୟ ଥିଲା– କୃଷି ଓ ଗ୍ରାମ୍ୟବିକାଶକୁ ପ୍ରାଥମିକତା ପ୍ରଦାନ ଓ ଦାରିଦ୍ର୍ୟ ଦୂରୀକରଣ, ଦରଦାମ ସ୍ଥିର ରଖି ଅଭିବୃଦ୍ଧିହାର ବୃଦ୍ଧି କରିବା, ଦେଶର ସମସ୍ତ ଲୋକଙ୍କୁ ଖାଦ୍ୟ ନିରାପତ୍ତା ଯୋଗାଇଦେବା, ଲୋକମାନଙ୍କୁ ମୌଳିକ ଓ ଅପରିହାର୍ଯ୍ୟ ସେବା ଯଥା ପାନୀୟ ଜଳ, ପ୍ରାଥମିକ ସ୍ୱାସ୍ଥ୍ୟ ସେବା, ସାର୍ବଜନୀନ ପ୍ରାଥମିକ ଶିକ୍ଷା, ଆବାସ ଓ ଯାତାୟାତର ସୁବିଧା ଯୋଗାଇଦେବା, ଲୋକସଂଖ୍ୟା ବୃଦ୍ଧି ଉପରେ ଅଙ୍କୁଶ ଲଗାଇବା, ନାରୀ, ତଫସିଲଭୁକ୍ତ ଜାତି, ଜନଜାତି ଓ ପଛୁଆବର୍ଗର ସଶକ୍ତୀକରଣ କରିବା, ପଞ୍ଚାୟତରାଜ, ସମବାୟ ଆନ୍ଦୋଳନ ଓ ସ୍ୱୟଂସହାୟକ ଗୋଷ୍ଠୀକୁ ଶକ୍ତିଶାଳୀ କରିବା ଏବଂ ଆତ୍ମନିର୍ଭରଶୀଳତା। ନବମ ପଞ୍ଚବାର୍ଷିକ ଯୋଜନାର ଅଭିବୃଦ୍ଧିହାର ଲକ୍ଷ୍ୟଥିଲା ଶତକଡ଼ା ୬.୫ କିନ୍ତୁ ହାସଲ ହେଲା ବାର୍ଷିକ ୫.୫ ପ୍ରତିଶତ।

ଏକବିଂଶ ଶତାବ୍ଦୀର ଆଦ୍ୟଭାଗ ଅର୍ଥାତ ୨୦୦୨ ମସିହାରେ ଆରମ୍ଭହେଲା ଦଶମ ପଞ୍ଚବାର୍ଷିକ ଯୋଜନା। ଏହା ୨୦୦୭ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇଥିଲା। ଏହା ପରେ ୨୦୦୭ ମସିହାରେ ଆରମ୍ଭ ହୋଇ ଏକାଦଶ ପଞ୍ଚବାର୍ଷିକ ଯୋଜନା ଚାଲିଲା ୨୦୧୨ ପର୍ଯ୍ୟନ୍ତ।

ମୂଳରୁ ଏହା ଉପଲବଧି କରାଯାଇଥିଲା ଯେ କୃଷି ଓ କୃଷକମାନଙ୍କର ଉନ୍ନତି ବିନା ଭାରତୀୟ ଅର୍ଥନୀତିର ଚିତ୍ର ବଦଳିବ ନାହିଁ। ସେଥିପାଇଁ କୃଷକମାନଙ୍କର ସୁବିଧାପାଇଁ ଅନେକଗୁଡ଼ିଏ କାର୍ଯ୍ୟ ହାତକୁ ନିଆଯାଇଥିଲା। ଜମିଦାରୀ ପ୍ରଥାର ବିଲୋପ କରାଗଲା। ରୟତମାନଙ୍କୁ ସେମାନଙ୍କର ଅଧିକାର ପ୍ରଦାନ କରାଗଲା। ସମବାୟ ଆନ୍ଦୋଳନକୁ ଶକ୍ତିଶାଳୀ କରାଗଲା । ମହାଜନୀ ଋଣ ବ୍ୟବସ୍ଥାକୁ ନିରୁତ୍ସାହିତ କରାଗଲା। ଜଳସେଚନ ଓ ବୈଜ୍ଞାନିକ କୃଷି ପ୍ରଣାଳୀ ଉପରେ ଗୁରୁତ୍ୱ ଦିଆଗଲା। ଶିଳ୍ପାୟନ ପାଇଁ ଭିତ୍ତିଭୂମି ପ୍ରତିଷ୍ଠା ଓ ସରକାରୀ ଉଦ୍ୟୋଗରେ ବୃହତ୍ ଶିଳ୍ପ ପ୍ରତିଷ୍ଠା ପାଇଁ ବ୍ୟବସ୍ଥା ହେଲା। ଘରୋଇ ଶିଳ୍ପପତିମାନଙ୍କୁ ମଧ୍ୟ ଉତ୍ସାହିତ କରାଗଲା।

ଦାରିଦ୍ର୍ୟ ଓ ବେରୋଜଗାରୀ ଥିଲା ଭାରତର ମୁଖ୍ୟ ସମସ୍ୟା। ଗ୍ରାମ ଓ ସହରାଞ୍ଚଳର ଦାରିଦ୍ର୍ୟକୁ ଦୂର କରିବା ପାଇଁ ୧୯୬୯ ପରେ ସରକାର କେତେକ ଯୋଜନା କାର୍ଯ୍ୟକାରୀ କଲେ। ୧୯୬୯ ରେ ବ୍ୟାଙ୍କଗୁଡ଼ିକର ଜାତୀୟକରଣ ହେବାପରେ ସାଧାରଣ ଲୋକଙ୍କ ଆତ୍ମନିଯୁକ୍ତି ଓ କୃଷିକ୍ଷେତ୍ର ପାଇଁ ଋଣ ସୁଲଭ ହେଲା। ୧୯୭୮ ମସିହାରେ ଆରମ୍ଭହେଲା ସମନ୍ୱିତ ଗ୍ରାମ୍ୟଉନ୍ନୟନ ଯୋଜନା । ସେହି ବର୍ଷ ଆରମ୍ଭ ହେଲା ଗ୍ରାମାଞ୍ଚଳ ନାରୀ ଓ ଶିଶୁବିକାଶ ଯୋଜନା । ୧୯୯୯ ମସିହାରେ ଆରମ୍ଭ ହେଲା ସ୍ୱର୍ଣ୍ଣଜୟନ୍ତୀ ଗ୍ରାମ୍ୟ ସ୍ୱରୋଜଗାର ଯୋଜନା। ୨୦୦୦ ମସିହାରେ ଆରମ୍ଭ ହେଲା ପ୍ରଧାନମନ୍ତ୍ରୀ ଗ୍ରାମୋଦୟ ଯୋଜନା। ଏହି ଯୋଜନାର ଦୁଇଟି ମୁଖ୍ୟ ବିଭାଗ ଥିଲା। ଗୋଟିଏ ଥିଲା ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନା ଓ ଅନ୍ୟଟି ଥିଲା ଇନ୍ଦିରା ଆବାସ ଯୋଜନା। ସହରାଞ୍ଚଳରେ ବସବାସ କରୁଥିବା ବେକାର ଯୁବକ ଓ ଯୁବତୀମାନଙ୍କ କର୍ମସଂସ୍ଥାନ ପାଇଁ ୧୯୯୭ରେ "ସ୍ୱର୍ଣ୍ଣଜୟନ୍ତୀ ସହରୀ ରୋଜଗାର ଯୋଜନା" ଆରମ୍ଭ ହେଲା।

ଗରିବ ଲୋକମାନଙ୍କ ନିକଟରେ ଖାଦ୍ୟ ନିରାପତ୍ତା ନିଶ୍ଚିତ କରିବା ପାଇଁ 'ଅନ୍ତ୍ୟୋଦୟ ଅନ୍ନ ଯୋଜନା' ପ୍ରଣୟନ କରାଗଲା। ୨୦୦୦ ମସିହାରେ ଏହି ଯୋଜନା ମାଧ୍ୟମରେ ପ୍ରାୟ ଏକ କୋଟି ଅତି ଦରିଦ୍ର ଲୋକଙ୍କୁ ଚିହ୍ନଟ କରାଗଲା ଓ ସେମାନଙ୍କୁ କିଲୋଗ୍ରାମ ପ୍ରତି ୨ ଟଙ୍କା ଦରରେ ଗହମ ଓ ୩ ଟଙ୍କା ଦରରେ ମାସକୁ ୩୫ କିଲୋଗ୍ରାମ ଚାଉଳ ଯୋଗାଇ ଦେବାର ବ୍ୟବସ୍ଥା ହେଲା।

ଏହିସବୁ ମୁଖ୍ୟ ଯୋଜନାଗୁଡ଼ିକ ବ୍ୟତୀତ ୧୯୫୨ ରୁ ୨୦୦୦ ମସିହା ପର୍ଯ୍ୟନ୍ତ ଭାରତରେ ଅନ୍ୟୂନ ଏକଶହ ଦାରିଦ୍ର୍ୟ ଓ ବେକାରୀ ଦୂରୀକରଣ ଯୋଜନା କାର୍ଯ୍ୟକାରୀ ହୋଇଛି। ଏସବୁ ଯୋଜନା ଦାରିଦ୍ର୍ୟ, ବେରୋଜଗାରୀ, ଆଞ୍ଚଳିକ ବୈଷମ୍ୟ ପ୍ରଭୃତି ମୁଖ୍ୟ ଆର୍ଥନୀତିକ ସମସ୍ୟାଗୁଡ଼ିକର ଅନ୍ତ ଘଟାଇ ପାରି ନଥିଲେ ସୁଦ୍ଧା ଗରିବ ଓ ବେକାରମାନଙ୍କର ଅଭାବନୀୟ ଅବସ୍ଥା ଅନେକମାତ୍ରାରେ ଦୂର କରିବାରେ ସହାୟକ ହୋଇଛି।

ଭାରତୀୟ ଉଦ୍ୟୋଗପତିମାନେ ସମୟର ଆହ୍ୱାନକୁ ଚାହିଁ ନୂତନ ଶିଳ୍ପ ପ୍ରତିଷ୍ଠା କଲେ। ଶିଳ୍ପାୟନ ଓ ଦେଶର ସାମାଜିକ ଓ ଆର୍ଥନୀତିକ ପ୍ରଗତି ପାଇଁ ବ୍ୟାପକ ପ୍ରଚେଷ୍ଟା ହେଲା। ରାସ୍ତାଘାଟ, ରେଳପଥ, ଜଳସେଚନ, ପରିବହନ, ଗମନାଗମନ, ମାନବ ସମ୍ବଳର ବିକାଶ ପାଇଁ ପ୍ରଚୁର ପରିମାଣରେ ପୁଞ୍ଜି ବିନିଯୋଗ କରାଗଲା। ବ୍ୟାଙ୍କ ସେବା, ବୀମା ବ୍ୟବସ୍ଥାକୁ ଲୋକାଭିମୁଖୀ କରାଗଲା। ହରିତକ୍ରାନ୍ତି ଜରିଆରେ ଦେଶର ଖାଦ୍ୟାଭାବକୁ ଏକ ପ୍ରକାର ଦୂରକରି ଦିଆଗଲା।

> *ତୁମେ ଜାଣିଛ କି ?*
>
> ***ବିଶ୍ୱଅର୍ଥନୀତି ମହାସ୍ରୋତରେ ସାମିଲ ହେବା ହେଉଛି ଜଗତୀକରଣ। ଏହ ଦ୍ୱାରା ବିଦେଶୀ ପୁଞ୍ଜି ବିନିଯୋଗ ସମ୍ଭବ ହୁଏ ଓ ବିଦେଶୀ ବଜାର ମଧ୍ୟ ଉନ୍ମୁକ୍ତ ହୁଏ।***

ସରକାରୀ ଉଦ୍ୟୋଗରେ ପରିଚାଳିତ କେତେକ ଶିଳ୍ପସଂସ୍ଥା ଲାଭଦାୟକ ପ୍ରମାଣିତ ହେଲା। ପର୍ଯ୍ୟଟନ, ଆମୋଦପ୍ରମୋଦ, ଗଣମାଧ୍ୟମ ଭଳି ବିକଳ୍ପ ଆର୍ଥନୀତିକ କ୍ଷେତ୍ର ସୃଷ୍ଟି କରାଗଲା। ଭାରତର ଅର୍ଥନୀତି ବର୍ତ୍ତମାନ ବେଶ ସୁଦୃଢ଼।

> *ତୁମେ ଜାଣିଛ କି ?*
>
> ***୧୯୯୭ ମସିହାରେ ଭାରତ ସରକାର ନ'ଟି ଲାଭଜନକ ସରକାରୀ ଉଦ୍ୟୋଗକୁ 'ନବରତ୍ନ' ଆଖ୍ୟା ପ୍ରଦାନ କରିଥିଲେ। ବର୍ତ୍ତମାନ ଏହି 'ନବରତ୍ନ' ମାନ୍ୟତାପ୍ରାପ୍ତ ଉଦ୍ୟୋଗର ସଂଖ୍ୟା ୧୬ରେ ପହଞ୍ଚିଲାଣି।***

ତୁମ ପାଇଁ କାମ

*ନବରତ୍ନ ଉଦ୍ୟୋଗଗୁଡ଼ିକର ଅବସ୍ଥିତି ସ୍ଥାନ ସହିତ ଏକ ଚିଠା ପ୍ରସ୍ତୁତ କର।*

ସ୍ୱାଧୀନତା ପରେ ପରେ ଭାରତୀୟ ଅର୍ଥନୀତିର ମୂଳମନ୍ତ୍ର ଥିଲା 'ମିଶ୍ରିତ ଓ ନିୟନ୍ତ୍ରିତ ଅର୍ଥନୀତି'। ଏହି ନୀତି ପ୍ରଚଳିତ ଥିବା ସମୟରେ ଘରୋଇ ଓ ସରକାରୀ ଉଦ୍ୟୋଗ ଉଭୟକୁ ପ୍ରୋତ୍ସାହିତ କରାଯାଉଥିଲା ଓ କେଉଁ କ୍ଷେତ୍ରରେ କିଏ ଅର୍ଥ ବିନିଯୋଗ କରିବ ତାହା ସ୍ଥିର କରାଯାଇଥିଲା। ୧୯୫୬ ମସିହାରେ ଏକ ନୂଆ ଶିଳ୍ପନୀତି ସଂକଳ୍ପ ଉଦ୍‌ଘୋଷିତ ହେଲା ଓ ଏକ ସମାଜବାଦୀ ସମାଜର ପ୍ରତିଷ୍ଠା ପାଇଁ ଉଦ୍ୟମ ଆରମ୍ଭହେଲା। ୧୯୫୬ ମସିହାର ଶିଳ୍ପନୀତି ଅଳ୍ପ କେତେକ ପରିବର୍ତ୍ତନ ସହିତ ୧୯୯୦ ମସିହା ପର୍ଯ୍ୟନ୍ତ ବଳବତ୍ତର ରହିଲା। ତେବେ ୧୯୯୧ ମସିହାରେ ଭାରତୀୟ ଅର୍ଥନୀତିରେ ଅନେକ ଯୁଗାନ୍ତକାରୀ ପରିବର୍ତ୍ତନ ଆସିଲା। ସେତେବେଳେକୁ ବିଶ୍ୱ ଅର୍ଥନୀତି ମଧ୍ୟ ଏକ ପ୍ରକାର ପରିବର୍ତ୍ତିତ ହୋଇସାରିଥାଏ। ସୋଭିଏତ ଋଷିଆର ସାମ୍ୟବାଦୀ ଅର୍ଥନୀତି ଏକପ୍ରକାର ପ୍ରତ୍ୟାଖ୍ୟାତ ହୋଇସାରିଥାଏ। ବିଶ୍ୱକୁ ଆସିଥାଏ ଉଦାରୀକୃତ ଆର୍ଥନୀତିକ ସଂସ୍କାରର ଲହରୀ। ଭାରତକୁ ବିଶ୍ୱ ଅର୍ଥନୀତି ସ୍ରୋତରେ ସାମିଲ କରିବା ପାଇଁ ଭାରତରେ ପୁଞ୍ଜିନିବେଶ କ୍ଷେତ୍ର ଉନ୍ମୁକ୍ତ ହେଲା।

ସ୍ୱାଧୀନତା ପରେ ପ୍ରଚଳିତ "ମିଶ୍ରିତ ଅର୍ଥନୀତି' ସ୍ଥାନରେ ଭାରତରେ "ବିମୁକ୍ତ ଓ ଅବାଧ" ଅର୍ଥନୀତି ଅବଲମ୍ବନ କରାଗଲା। ଭାରତରେ ମୁକ୍ତ ଅର୍ଥନୀତିର ଯୁଗ ଆରମ୍ଭ ହେଲା ୧୯୯୧ ମସିହା ଏହି ପରବର୍ତ୍ତିତ ପ୍ରକ୍ରିୟାକୁ ଆର୍ଥନୀତିକ ଉଦାରୀକରଣ ମଧ୍ୟ କୁହାଯାଏ। ଏହି ଉଦାରୀକରଣର ଦୁଇଟି ଉପାଂଶ ଅଛି। ଆଗରୁ ଯେଉଁ ସବୁ କ୍ଷେତ୍ର କେବଳ ସରକାରୀ ଉଦ୍ୟୋଗ ପାଇଁ ସଂରକ୍ଷିତ ଥିଲା, ସେଥିରେ ଘରୋଇ କମ୍ପାନୀମାନେ କାର୍ଯ୍ୟ କରିପାରିଲେ ଏବଂ ଦ୍ୱିତୀୟତଃ ବ୍ୟାବସାୟିକ ଆଇନ କାନୁନରେ କେତେକ ପରିବର୍ତ୍ତନ ଅଣାଯାଇ ଘରୋଇ ଉଦ୍ୟୋଗକୁ ପ୍ରୋତ୍ସାହିତ କରାଗଲା। ଆଗରୁ ଥିବା ସତରଟି କ୍ଷେତ୍ରରୁ ସରକାରୀ ଶିଳ୍ପ ଉଦ୍ୟୋଗ ପାଇଁ ସଂରକ୍ଷିତ ତିନିକୁ ହ୍ରାସ କରାଗଲା। ଘରୋଇ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ପାଇଁ ଲାଇସେନସ, କଞ୍ଚାମାଲ ଆମଦାନୀ, ମୂଲ୍ୟ ନିର୍ଦ୍ଧାରଣ ଓ ବଣ୍ଟନ ପ୍ରଭୃତିରେ ଥିବା ଆଦବକାଇଦାକୁ କୋହଳ କରିଦିଆଗଲା। ଏହା ଦ୍ୱାରା ଭାରତରେ ଶିଳ୍ପ ପ୍ରତିଷ୍ଠାର ଅନୁକୂଳ ବାତାବରଣ ସୃଷ୍ଟି ହେଲା। ସେହିଦିନଠାରୁ ଆଜି ପର୍ଯ୍ୟନ୍ତ ସେହି ଉନ୍ମୁକ୍ତ ଉଦାରୀକୃତ ଅର୍ଥବ୍ୟବସ୍ଥା ବଳବତ୍ତର ଅଛି।

ସମୟକ୍ରମେ ଶିଳ୍ପକ୍ଷେତ୍ରରୁ ସରକାରୀ ନିୟନ୍ତ୍ରଣ ହ୍ରାସ କରାଯାଇଛି। ଜଗତୀକରଣ ଓ ମୁକ୍ତ ଅର୍ଥନୀତି ମାଧ୍ୟମରେ ଭାରତର ବିଦେଶୀ ପୁଞ୍ଜିନିବେଶର ପଥ ଉନ୍ମୁକ୍ତ କରାଯାଇଛି। ଏପରିକି ପ୍ରତିରକ୍ଷାସାମଗ୍ରୀ ଉତ୍ପାଦନ କ୍ଷେତ୍ରରେ ମଧ୍ୟ ଶତକଡ଼ା ୨୬ ଭାଗ ବିଦେଶୀ ପ୍ରତ୍ୟକ୍ଷ ବିନିଯୋଗକୁ ଗ୍ରହଣ କରିନିଆଯାଇଛି। କେବଳ ଆଣବିକ ଶକ୍ତି ଓ ରେଳପରିବହନ ବ୍ୟବସ୍ଥା ସରକାରୀ କର୍ତ୍ତୃତ୍ୱାଧୀନ ଅଛି। ରେଳ ପରିବହନର କେତେକ କ୍ଷେତ୍ରରେ ବେସରକାରୀ ଭାଗିଦାରୀକୁ ମଧ୍ୟ ଗ୍ରହଣ କରାଗଲାଣି। ଭାରତୀୟ ଶିଳ୍ପଗୁଡ଼ିକ ଏବେ ଆନ୍ତର୍ଜାତିକ ଶିଳ୍ପ ସହିତ ପ୍ରତିଯୋଗିତା କରିବାକୁ ସମର୍ଥ ହୋଇଛନ୍ତି।

❖ ❖ ❖

## ପ୍ରଶ୍ନାବଳୀ

**୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୬୦ଗୋଟି ଶବ୍ଦରେ ଲେଖ ।**

(କ) ସ୍ୱାଧୀନତା ବେଳକୁ ଭାରତର ଆର୍ଥନୀତିକ ସମସ୍ୟାଗୁଡ଼ିକ କ'ଣ ଥିଲା ଓ ଭାରତୀୟ ଅର୍ଥନୀତିରେ ସୁଧାର ଆଣିବାପାଇଁ କି କି ସୁବିଧା ଉପଲବ୍ଧ ଥିଲା ?

(ଖ) ସ୍ୱାଧୀନତା ପରେ ଭାରତର ଅର୍ଥନୀତିକୁ ସୁଧାରିବା ପାଇଁ କେଉଁ ପ୍ରକାର ପଦକ୍ଷେପ ନେବାର ଆବଶ୍ୟକତା ଥିଲା ?

(ଗ) ପ୍ରଥମ ଦୁଇଟି ପଞ୍ଚବାର୍ଷିକ ଯୋଜନାର ଉଦ୍ଦେଶ୍ୟ ଓ ସୁଫଳ କ'ଣ ଥିଲା ?

(ଘ) ଚତୁର୍ଥ ପଞ୍ଚବାର୍ଷିକ ଯୋଜନାର ଉଦ୍ଦେଶ୍ୟ ଓ ସୁଫଳଗୁଡ଼ିକ କ'ଣ ଥିଲା ?

(ଙ) ଦାରିଦ୍ର୍ୟ ଦୂରୀକରଣ ପାଇଁ ଭାରତ ସରକାର ୧୯୬୯ରୁ ୨୦୦୦ ମସିହା ପର୍ଯ୍ୟନ୍ତ କି ପଦକ୍ଷେପ ନେଇଥିଲେ ?

**୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୨୦ଗୋଟି ଶବ୍ଦରେ ଲେଖ ।**

(କ) ଯୋଜନା ଆୟୋଗ ଓ ଜାତୀୟ ଉନ୍ନୟନ ପରିଷଦ କେବେ ଗଠିତ ହୋଇଥିଲା ?

(ଖ) ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାର ମୁଖ୍ୟ ଲକ୍ଷ୍ୟ କ'ଣ ଥିଲା ?

(ଗ) ତୃତୀୟ ପଞ୍ଚବାର୍ଷିକ ଯୋଜନା କାହିଁକି ବାଧାପ୍ରାପ୍ତ ହୋଇଥିଲା ?

(ଘ) ଜାତୀୟ ଆୟ ଓ ମୁଣ୍ଡପିଛା ଆୟ ସଂକ୍ରାନ୍ତରେ ତୃତୀୟ ପଞ୍ଚବାର୍ଷିକ ଯୋଜନାର କ'ଣ ଉଦ୍ଦେଶ୍ୟ ଥିଲା ?

(ଙ) ଚତୁର୍ଥ ପଞ୍ଚବାର୍ଷିକ ଯୋଜନାରେ କାହା ଉପରେ ଗୁରୁତ୍ୱ ଦିଆଯାଇଥିଲା ?

(ଚ) ପଞ୍ଚମ ପଞ୍ଚବାର୍ଷିକ ଯୋଜନା କେବେଠାରୁ ବନ୍ଦ କରିଦିଆଯାଇଥିଲା ଏବଂ ପୁଣି କେବେଠାରୁ ଆରମ୍ଭ ହେଲା ?

(ଛ) ପ୍ରଧାନମନ୍ତ୍ରୀ ଗ୍ରାମଦ୍ୱୟ ଯୋଜନାର ଦୁଇଟି ବିଭାଗ କ'ଣ ଥିଲା ?

(ଜ) ବ୍ୟାଙ୍କ୍‌କୁ ଜାତୀୟକରଣ କରାଯିବାପରେ କ'ଣ ଲାଭ ହେଲା ?

(ଝ) ମିଶ୍ରିତ ଓ ନିୟନ୍ତ୍ରିତ ଅର୍ଥନୀତି କ'ଣ ?

(ଞ) ଉଦାରୀକରଣ ଅର୍ଥନୀତି ଭାରତରେ କେବେ ଓ କେଉଁ ପରିସ୍ଥିତିରେ ଆରମ୍ଭ ହେଲା ?

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟଏ ବାକ୍ୟରେ ଲେଖ ।**

(କ) ଯୋଜନା କମିଶନର ଚେୟାରମ୍ୟାନ କିଏ ହେଲେ ?

(ଖ) ପଞ୍ଚବାର୍ଷିକ ଯୋଜନା କେବେଠାରୁ ଆରମ୍ଭ ହେଲା ?

(ଗ) କିଏ ତୃତୀୟ ପଞ୍ଚବାର୍ଷିକ ଯୋଜନାର ରୂପରେଖ ପ୍ରସ୍ତୁତ କରିଥିଲେ ?

(ଘ) କେବେ ବ୍ୟାଙ୍କଗୁଡ଼ିକର ଜାତୀୟକରଣ ହୋଇଥିଲା ?

(ଙ) ଚତୁର୍ଥ ପଞ୍ଚବାର୍ଷିକ ଯୋଜନା କାହିଁକି ଆଶାନୁରୂପ ସଫଳତା ହାସଲ କରିପାରିଲା ନାହିଁ ?

(ଚ) ଷଷ୍ଠ ପଞ୍ଚବାର୍ଷିକ ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ କ'ଣ ଥିଲା ?

(ଛ) ୧୯୭୮ ମସିହାରେ ଗ୍ରାମାଞ୍ଚଳର ଉନ୍ନୟନ ପାଇଁ ଆରମ୍ଭ କରାଯାଇଥିବା ଯୋଜନାଟି କ'ଣ ?

(ଜ) ୧୯୯୯ ମସିହାରେ ବେକାରୀ ଦୂରୀକରଣ ଦିଗରେ କେଉଁ ଯୋଜନା ପ୍ରବର୍ତ୍ତିତ ହୋଇଥିଲା ?

(ଝ) ସହରାଞ୍ଚଳରେ ବସବାସ କରୁଥିବା ଯୁବକଯୁବତୀଙ୍କର କର୍ମସଂସ୍ଥାନ ପାଇଁ ଆରମ୍ଭ କରାଯାଇଥିବା ଯୋଜନାଟିର ନାମ କ'ଣ ?

(ଞ) ଅନ୍ତ୍ୟୋଦୟ ଅନ୍ନ ଯୋଜନାର ଉଦ୍ଦେଶ୍ୟ କ'ଣ ?

**୪. ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ତା'ର କ୍ରମିକ ନମ୍ବର ସହିତ ଲେଖ ?**

(କ) ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାର କାର୍ଯ୍ୟକାଳ କେବେ ଶେଷ ହୋଇଥିଲା ?

(i) ୧୯୫୬ (ii) ୧୯୬୧ iii) ୧୯୬୨ (iv) ୧୯୬୫

(ଖ) ଜାତୀୟ ଆୟର କେତେ ଅଭିବୃଦ୍ଧି ତୃତୀୟ ପଞ୍ଚବାର୍ଷିକ ଯୋଜନାର ଲକ୍ଷ୍ୟ ଥିଲା ?

i) ୫% (ii) ୫.୬% iii) ୭.୫% iv) ୬.୮%

(ଗ) ସପ୍ତମ ପଞ୍ଚବାର୍ଷିକ ଯୋଜନା ଫଳରେ ଖାଦ୍ୟ ଉତ୍ପାଦନ କେତେ ବୃଦ୍ଧି ପାଇଥିଲା ?

i) ୧୭% ii) ୩.୨୩% iii) ୫.୮% iv) ୧.୨%

(ଘ) କେବେ ଭାରତରେ ଏକ ନୂଆଶିକ୍ଷନୀତି ଘୋଷିତ ହୋଇଥିଲା ?

i) ୧୯୫୧ ii) ୧୯୫୬

iii) ୧୯୯୦ iv) ୧୯୯୧

(ଙ) କେବେଠାରୁ ଭାରତରେ ମିଶ୍ରିତ ଅର୍ଥନୀତି ପ୍ରବର୍ତ୍ତିତ ହେଲା ?

i) ୧୯୬୯ ii) ୧୯୭୮

iii) ୧୯୯୧ iv) ୧୯୯୭

**୫. ପାଠରେ ଦିଆଯାଇଥିବା "ତୁମ ପାଇଁ କାମ" ଗୁଡ଼ିକ ଶିକ୍ଷକଙ୍କ ନିର୍ଦ୍ଦେଶନା ଓ ସହାୟତାରେ ସମ୍ପାଦନ କର।**

❖ ❖ ❖

## ପଞ୍ଚମ ପାଠ

# ଭାରତରେ ବିଜ୍ଞାନ ଓ ବୈଷୟିକ ଜ୍ଞାନର ବିକାଶ

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଭାରତରେ ଗଠିତ ମଧ୍ୟବର୍ତ୍ତୀ କାଳୀନ ସରକାରର ପ୍ରଧାନମନ୍ତ୍ରୀ ଥିଲେ ଜବାହରଲାଲ ନେହେରୁ। ସେ ନିରବଚ୍ଛିନ୍ନ ଭାବରେ ୧୯୬୪ ମେ ୨୭ରେ ତାଙ୍କର ମୃତ୍ୟୁ ପର୍ଯ୍ୟନ୍ତ ଭାରତର ପ୍ରଧାନମନ୍ତ୍ରୀ ଥିଲେ। ୧୯୪୬ ରୁ ୧୯୬୪ ମସିହା ପର୍ଯ୍ୟନ୍ତ ସମୟକୁ ଭାରତରେ 'ନେହେରୁ ଯୁଗ' ବୋଲି କୁହାଯାଏ। ଏହି ସମୟରେ ସେ ଭାରତରେ ବିଜ୍ଞାନ ଓ ବୈଷୟିକ ଜ୍ଞାନର ବିକାଶ ପାଇଁ ଅକ୍ଲାନ୍ତ ଚେଷ୍ଟା କରିଥିଲେ। ନେହେରୁଙ୍କ ଦୃଢ଼ ବିଶ୍ୱାସ ଥିଲା ଯେ କେବଳ ବିଜ୍ଞାନ ହିଁ କ୍ଷୁଧା, ଦାରିଦ୍ର୍ୟ, ଅପରିଚ୍ଛନ୍ନତା, ନିରକ୍ଷରତା, ଅନ୍ଧବିଶ୍ୱାସ, ପ୍ରାକୃତିକ ସମ୍ବଳର ଅସଦ୍ ବିନିଯୋଗ ପ୍ରଭୃତି ଭାରତର ଗୁରୁତର ସମସ୍ୟା ଗୁଡ଼ିକର ସମାଧାନ କରିପାରିବ। ଆର୍ଥନୀତିକ, ସାମାଜିକ ଓ ସାଂସ୍କୃତିକ ପ୍ରଗତି ପାଇଁ ବିଜ୍ଞାନ ଓ ବୈଷୟିକ ବିଦ୍ୟା ଯେ ଅପରିହାର୍ଯ୍ୟ ତାହା ନେହେରୁ ଓ ସେ ସମୟର ଭାରତର ନେତୃବୃନ୍ଦ ଉପଲବ୍ଧି କରିଥିଲେ। କେବଳ ସେତିକି ନୁହେଁ, ବୈଜ୍ଞାନିକ ଗବେଷଣା ଓ ବୈଷୟିକ ଜ୍ଞାନ ଯେ ଭାରତର ପ୍ରତିରକ୍ଷା ବ୍ୟବସ୍ଥାକୁ ଶକ୍ତିଶାଳୀ କରିବ ସେ ବିଷୟ ଜବାହରଲାଲ ନେହେରୁ ସ୍ପଷ୍ଟ କରିଦେଇଥିଲେ।



(ଜବାହରଲାଲ ନେହେରୁ)

### ବିଜ୍ଞାନ ଓ ବୈଷୟିକ ଶିକ୍ଷା ତଥା ଗବେଷଣା ବ୍ୟବସ୍ଥା :

ଭାରତରେ ବୈଜ୍ଞାନିକ ଓ ବୈଷୟିକ ଗବେଷଣାର ଅଗ୍ରଗତି ପାଇଁ ସ୍ୱାଧୀନତା ପୂର୍ବରୁ ୧୯୪୭ ମସିହା ଜାନୁଆରୀ ୪ ତାରିଖରେ ଭାରତର ପ୍ରଥମ ଜାତୀୟ ପରୀକ୍ଷାଗାରର ଭିତ୍ତିପ୍ରସ୍ତର ସ୍ଥାପନ କରାଗଲା। ଏହି ଗବେଷଣା ଅନୁଷ୍ଠାନର ନାମ ରଖାଗଲା "ଜାତୀୟ ଭୌତିକ ପରୀକ୍ଷାଗାର"। ଏହାପରେ ଭାରତର ବିଜ୍ଞାନ ଓ ବୈଜ୍ଞାନିକ ଗବେଷଣାର ଗୁରୁତ୍ୱ ଉପଲବ୍ଧି କରି ନେହେରୁ 'ବୈଜ୍ଞାନିକ ଓ ଶିଳ୍ପ ଗବେଷଣା ପରିଷଦ' ଗଠନ କରି ସେ ନିଜେ ଏହାର ଅଧ୍ୟକ୍ଷ ହେଲେ। ଏହି ପରିଷଦ ଭାରତରେ ଥିବା ଜାତୀୟ ଗବେଷଣାଗାର ଓ ବୈଜ୍ଞାନିକ ପ୍ରତିଷ୍ଠାନଗୁଡ଼ିକୁ ଆର୍ଥିକ ସହାୟତା ଓ ଦିଗ୍‌ଦର୍ଶନ ପ୍ରଦାନ କଲା।

ବୈଷୟିକ ଶିକ୍ଷାର ବିକାଶ ପାଇଁ ଏକ ୨୨ ଜଣିଆ କମିଟି ଗଠନ କରାଗଲା। କମିଟିର ସୁପାରିସ ଅନୁଯାୟୀ ଆମେରିକାର ମାଶାଚୁସେଟ୍‌ସ ବୈଷୟିକ ଶିକ୍ଷାନୁଷ୍ଠାନ ଢାଞ୍ଚାରେ ଭାରତରେ କେତୋଟି 'ଭାରତୀୟ ବୈଷୟିକ ଶିକ୍ଷାନୁଷ୍ଠାନ' ଗଠନର ପ୍ରସ୍ତାବ ଦିଆଗଲା। ୧୯୫୧ ଅଗଷ୍ଟ ୧୮ରେ ଭାରତର ତତ୍‌କାଳୀନ ଶିକ୍ଷାମନ୍ତ୍ରୀ ମୌଲାନା ଆବୁଲ କଲାମ ଆଜାଦ ପଶ୍ଚିମବଙ୍ଗର ଖଡ଼ଗପୁରଠାରେ ପ୍ରଥମ ଭାରତୀୟ ବୈଷୟିକ ଶିକ୍ଷାନୁଷ୍ଠାନର ଶୁଭାରମ୍ଭ କଲେ। ବିଜ୍ଞାନ ଓ ବୈଷୟିକ କ୍ଷେତ୍ରରେ ଉଚ୍ଚତର ଓ ମୂଲ୍ୟବୋଧଭିତ୍ତିକ ଶିକ୍ଷା ପାଇଁ ଏହି ଭାରତୀୟ ବୈଷୟିକ ଶିକ୍ଷାନୁଷ୍ଠାନ ସୃଷ୍ଟିହେଲା। ପରେ ପରେ ବମ୍ବେ (ମୁମ୍ବାଇ), ଦିଲ୍ଲୀ, ମାଡ୍ରାସ (ଚେନ୍ନାଇ) ଓ କାନପୁର ଠାରେ ମଧ୍ୟ ଭାରତୀୟ ବୈଷୟିକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠିତ ହେଲା। ନିକଟ ଅତୀତରେ ଭୁବନେଶ୍ୱର ସମେତ ଅନ୍ୟ କେତୋଟି ସହରରେ ଭାରତୀୟ ବୈଷୟିକ

ଶିକ୍ଷାନୁଷ୍ଠାନମାନ ପ୍ରତିଷ୍ଠା କରାଯାଇଛି । ବିଜ୍ଞାନ, ବୈଷୟିକ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ବିକାଶପାଇଁ ଦେଶର ବିଭିନ୍ନ ସ୍ଥାନରେ ଜାତୀୟ ବୈଷୟିକ ଶିକ୍ଷାନୁଷ୍ଠାନ, ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ଅନୁଷ୍ଠାନ, ଆଞ୍ଚଳିକ ଗବେଷଣା କେନ୍ଦ୍ର, କେନ୍ଦ୍ରୀୟ ଗବେଷଣା କେନ୍ଦ୍ର ଏବଂ ବିଜ୍ଞାନ ଓ ଶିଳ୍ପ ଗବେଷଣା କେନ୍ଦ୍ର ସ୍ଥାପନ କରାଯାଇଛି ।

ବିଂଶ ଶତାବ୍ଦୀର ଶେଷଦଶକରୁ ଭାରତବର୍ଷରେ ସୂଚନା ପ୍ରଯୁକ୍ତି ବିଦ୍ୟାର ବିକାଶ ଘଟିଲା । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଫଳପ୍ରଦ ପଦକ୍ଷେପ ଫଳରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ବ୍ୟାପକ ପ୍ରସାର ଓ ପ୍ରଭାବ ପରିଲକ୍ଷିତ ହେଲା। ବିଜ୍ଞାନ ଓ ବୈଷୟିକ ବିଦ୍ୟାରେ ଆଗ୍ରହୀ ଛାତ୍ରଛାତ୍ରୀମାନଙ୍କ ସଂଖ୍ୟା ଆଶାତୀତ ଭାବରେ ବୃଦ୍ଧି ପାଇଲା । ଭାରତ ସରକାରଙ୍କ ଟେଲିଯୋଗାଯୋଗ ବିଭାଗ ଯୋଗାଯୋଗ କ୍ଷେତ୍ରରେ ଗବେଷଣା ଜାରି ରଖିଛନ୍ତି। ସୂଚନା ସମ୍ବନ୍ଧୀୟ ବୈଷୟିକ ଜ୍ଞାନକୁ ଦୃଷ୍ଟିରେ ରଖି ଏ ସମ୍ପର୍କିତ ଶିକ୍ଷା ଓ ଗବେଷଣା ପାଇଁ ଅନେକ ପଦକ୍ଷେପ ନିଆଯାଇଛି। ଭାରତ ସରକାରଙ୍କ ସୂଚନା ଓ ପ୍ରାୟୋଗିକ ବିଭାଗ ଦ୍ୱାରା ଭାରତର ବିଭିନ୍ନ ସ୍ଥାନରେ ଇ-ଅଧ୍ୟୟନ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ପାଇଁ ଆଞ୍ଚଳିକ ଅନୁଷ୍ଠାନମାନ ଖୋଲିଛି।

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମଧ୍ୟ ଶିକ୍ଷା ଓ ଗବେଷଣା କାର୍ଯ୍ୟ ଆଗେଇ ଚାଲିଛି। ଭାରତ ସରକାର ଓ ରାଜ୍ୟ ସରକାରମାନେ ବିଜ୍ଞାନ ଓ ବୈଷୟିକ ଶିକ୍ଷାକୁ ଗୁରୁତ୍ୱ ଦେବାରୁ ଦେଶର ମାନବସମ୍ବଳକୁ ପ୍ରଶିକ୍ଷିତ ଓ ଦକ୍ଷ କରାଯାଇପାରୁଛି। ସ୍ୱାସ୍ଥ୍ୟଶିକ୍ଷା ଓ ଗବେଷଣା ପାଇଁ ସର୍ବଭାରତୀୟ ଆୟୁର୍ବିଜ୍ଞାନ ଅନୁଷ୍ଠାନ ବ୍ୟତୀତ ଚଣ୍ଡୀଗଡ଼, ପୁଦୁଚେରୀ ଓ ଲକ୍ଷ୍ନୌରେ ସ୍ନାତକୋତ୍ତର ଆୟୁର୍ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ କାର୍ଯ୍ୟକରୁଛି।

*ତୁମ ପାଇଁ କାମ*

***ଭାରତୀୟ ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକର ନାମ ଏବଂ ସେଗୁଡ଼ିକର ଅବସ୍ଥିତିର ଏକ ତାଲିକା ପ୍ରସ୍ତୁତ କର ।***

## କୃଷି ଓ ଶିଳ୍ପ କ୍ଷେତ୍ରରେ ଅଗ୍ରଗତି :

କୃଷି କ୍ଷେତ୍ରରେ ବିଜ୍ଞାନ ଶିକ୍ଷାର ବ୍ୟାପକ ପ୍ରୟୋଗ କରିବାପାଇଁ ବ୍ୟବସ୍ଥା ହେଲା। ବିଂଶ ଶତାବ୍ଦୀର ସପ୍ତମ ଦଶକରେ ରାସାୟନିକ ସାର ଓ ଅଧିକ ଉତ୍ପାଦନକ୍ଷମ ବିହନର ବହୁଳ ବ୍ୟବହାର ହେଲା। ଜଳ ଉତ୍ସଗୁଡ଼ିକୁ ସୁବ୍ୟବସ୍ଥିତ କରି ଜଳସେଚନର ବ୍ୟବସ୍ଥା କରାଗଲା। ଉତ୍ପାଦନ ବୃଦ୍ଧି କରାଗଲା ଓ ସବୁଜକ୍ରାନ୍ତି ସମ୍ଭବ ହେଲା। ୧୯୭୧ ମସିହାରେ କେନ୍ଦ୍ରରେ ବିଜ୍ଞାନ ଓ ବୈଷୟିକ ମନ୍ତ୍ରଣାଳୟ ନାମରେ ଏକ ସ୍ୱତନ୍ତ୍ର ବିଭାଗ ସୃଷ୍ଟି କରାଗଲା। ଜୈବ ପ୍ରଯୁକ୍ତି ବିଦ୍ୟାର ବିକାଶ ଓ କୃଷି କ୍ଷେତ୍ରରେ ଏହାର ବିନିଯୋଗ ଭାରତୀୟ କୃଷିକୁ ବେଶ୍ ସହାୟକ ହେଲା।

ଶିଳ୍ପକ୍ଷେତ୍ରରେ ମଧ୍ୟ ପ୍ରଗତି ପରିଲକ୍ଷିତ ହେଲା। ଲୌହ ଇସ୍ପାତ ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ଗୁରୁତ୍ୱ ଆରୋପ କରାଗଲା। ୧୯୭୩ ମସିହାରେ 'ଭାରତୀୟ ଇସ୍ପାତ ପ୍ରାଧିକରଣ ଲିମିଟେଡ' ନାମକ ଏକ ସରକାରୀ ସଂସ୍ଥା ଆତ୍ମପ୍ରକାଶ କଲା। ଏହି କମ୍ପାନୀ ଭାରତରେ ପ୍ରତିଷ୍ଠା କରାଯାଉଥିବା ପାଞ୍ଚଟି ଏକୀକୃତ ଇସ୍ପାତ ପ୍ରକଳ୍ପର ପରିଚାଳନା ଭାର ହାତକୁ ନେଲା। ସେତେବେଳେ ବୋକାରୋ, ଭିଲାଇ, ଦୁର୍ଗାପୁର, ରାଉରକେଲା ଓ ବର୍ଣ୍ଣପୁର ଠାରେ ସରକାରୀ ଇସ୍ପାତ ପ୍ରକଳ୍ପ ପ୍ରତିଷ୍ଠା କରାଯାଇଥିଲା।

*ତୁମପାଇଁ କାମ*

***ବୋକାରୋ, ଭିଲାଇ, ଦୁର୍ଗାପୁର, ରାଉରକେଲା ଓ ବର୍ଣ୍ଣପୁର କେଉଁ ପ୍ରଦେଶମାନଙ୍କରେ ଅବସ୍ଥିତ ଏବଂ ସେଠାରେ ପ୍ରତିଷ୍ଠିତ ଇସ୍ପାତ ପ୍ରକଳ୍ପ ପାଇଁ କେଉଁ ଦେଶ ବୈଷୟିକ ଓ ଆର୍ଥିକ ସହାୟତା ପ୍ରଦାନ କରିଥିଲେ, ଉଲ୍ଲେଖ କର ।***

## ପରମାଣୁ ଶକ୍ତିର ବିକାଶ :

୧୯୪୮ ଅଗଷ୍ଟ ମାସରେ ଭାରତ ସରକାର ପରମାଣୁ ଶକ୍ତି ଆୟୋଗ ଗଠନ କଲେ। ବିଶିଷ୍ଟ ବୈଜ୍ଞାନିକ ହୋମି ଜାହାଙ୍ଗୀର ଭାବା ଏହାର ଅଧ୍ୟକ୍ଷ ନିଯୁକ୍ତ ହେଲେ। ନେହେରୁ ପରମାଣୁ ଶକ୍ତିର ଗୁରୁତ୍ୱ ଉପଲବ୍ଧି କରିଥିଲେ। ତାଙ୍କର ମତ ଥିଲା ପରମାଣୁଶକ୍ତି ସାମାଜିକ, ଆର୍ଥନୀତିକ ଓ ରାଜନୀତିକ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବ ଏବଂ ଭାରତର ପ୍ରତିରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବ। ଶାନ୍ତିପୂର୍ଣ୍ଣ ଉଦ୍ଦେଶ୍ୟରେ ପରମାଣୁ ଶକ୍ତିକୁ ବିନିଯୋଗ କରିବା ଥିଲା ନେହେରୁଙ୍କ ଉଦ୍ଦେଶ୍ୟ। ୧୯୫୪ ମସିହାରେ ଏକ ସ୍ୱତନ୍ତ୍ର


ପରମାଣୁ ଶକ୍ତି ବିଭାଗ ଖୋଲାଗଲା । ୧୯୫୬ରେ ଟ୍ରମ୍ବେଠାରେ ଭାରତର ପ୍ରଥମ ଆଣବିକ ରିଆକ୍ଟର ପ୍ରତିଷ୍ଠା



(ହୋମି ଭାବା)

କରାଗଲା । ୧୯୫୬ରେ ଟ୍ରମ୍ବେଠାରେ ଭାବା ଆଣବିକ ଗବେଷଣା କେନ୍ଦ୍ର ପ୍ରତିଷ୍ଠିତ ହେଲା । ଏହା ହେଉଛି ଭାରତର ସର୍ବବୃହତ୍ ଆଣବିକ ଗବେଷଣା କେନ୍ଦ୍ର । ଏହାର ଅଧୀନରେ ଅପ୍ସରା, ସର୍କସ, ଜେରଲିନା, ଧ୍ରୁବ, ପ୍ରଥମ ଓ ଦ୍ୱିତୀୟ ପୂର୍ଣ୍ଣିମା, କାମିନୀ ପ୍ରଭୃତି ଗୋଟିଏ ପରେ ଗୋଟିଏ ରିଆକ୍ଟର କାର୍ଯ୍ୟକ୍ଷମ ହେବାକୁ ଲାଗିଲା । ଭାବା ଆଣବିକ ଗବେଷଣା କେନ୍ଦ୍ର ତତ୍ତ୍ୱାବଧାନରେ ଅନେକ ଗବେଷଣା କେନ୍ଦ୍ର ପଶ୍ଚିମବଙ୍ଗ, କାଶ୍ମୀର ଓ କର୍ଣ୍ଣାଟକରେ ଗଢ଼ିଉଠିଲା । ୧୯୮୪ ମସିହାରେ ଇନ୍ଦୋରଠାରେ ଉନ୍ନତ ବୈଷୟିକ ଜ୍ଞାନ କେନ୍ଦ୍ର ନାମକ ଏକ ଗବେଷଣା ସଂସ୍ଥା ପ୍ରତିଷ୍ଠା କରାଗଲା ।

୧୯୭୪ ମଇ ୧୮ରେ ରାଜସ୍ଥାନର ପୋଖରାନ୍‌ରେ ଭାରତ ତା'ର ପ୍ରଥମ ପରମାଣୁ ବୋମା ବିସ୍ଫୋରଣ ପରୀକ୍ଷା କଲା । ୧୯୯୮ ମେ' ୧୧ ଓ ୧୩ ତାରିଖରେ ଦ୍ୱିତୀୟ ଥରପାଇଁ ପୋଖରାନ୍‌ରେ ପରମାଣୁ ବୋମାର ପରୀକ୍ଷଣ କରାଗଲା । ଏହି ପରୀକ୍ଷଣ କାହାକୁ ଭୟଭୀତ କରିବାପାଇଁ ଅଭିପ୍ରେତ ନଥିଲା । ପରମାଣୁ ଶକ୍ତିର ଜନହିତକର କାର୍ଯ୍ୟରେ ବିନିଯୋଗ ଥିଲା ଭାରତର ଉଦ୍ଦେଶ୍ୟ ଏବଂ ଏ ଦିଗରେ ଭାରତର ପ୍ରଚେଷ୍ଟା ଅବ୍ୟାହତ ରହିଛି ।




(ପୋଖରାନ୍ ପରମାଣୁ ପରୀକ୍ଷଣାର ଚିତ୍ର)

## ପ୍ରତିରକ୍ଷା ଗବେଷଣା :

୧୯୬୨ର ଚୀନ-ଭାରତ ଯୁଦ୍ଧ ଓ ସେଥିରେ ଭାରତୀୟ ସୈନ୍ୟବାହିନୀର ଦୁର୍ବଳତା ଭାରତୀୟମାନଙ୍କୁ ସତର୍କ କରାଇ ଦେଇଥିଲା । ପ୍ରତିରକ୍ଷା ବ୍ୟବସ୍ଥାକୁ ଦୃଢ଼ କରିବାର ଜରୁରୀ ଆବଶ୍ୟକତା ପଡ଼ିଲା । ଏଥିପାଇଁ ସୋଭିଏତ ଋଷିଆ ସହାୟତାରେ ସାମରିକ ପ୍ରଯୁକ୍ତି ବିଦ୍ୟାକୁ ଭାରତରେ ବିକଶିତ କରାଗଲା । ୧୯୫୮ରେ ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ସଂଗଠନ ଗଠିତ ହେଲା । ଦେଶର ନିରାପତ୍ତା ବ୍ୟବସ୍ଥାର ମୂଳଭିତ୍ତି ଦୃଢ଼କରିବା ଥିଲା ଏହାର ମୁଖ୍ୟ ଉଦ୍ଦେଶ୍ୟ । ଗୋଟିଏ ପରେ ଗୋଟିଏ କ୍ଷେପଣାସ୍ତ୍ରର ପରୀକ୍ଷା କରାଯାଇ ସେଗୁଡ଼ିକୁ ସୈନ୍ୟବାହିନୀରେ ସାମିଲ କରାଗଲା । ୧୯୮୩ ମସିହାରେ ଏକୀଭୂତ ନିୟନ୍ତ୍ରିତ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ଆରମ୍ଭ ହେଲା । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଅଗ୍ନି, ପୃଥ୍ୱୀ, ଧନୁଶ, ଆକାଶ, ତ୍ରିଶୂଳ, ନାଗ, ଶୌର୍ଯ୍ୟ ଓ ବ୍ରହ୍ମୋସ ପ୍ରଭୃତି କ୍ଷେପଣାସ୍ତ୍ରର ବିକାଶ କରାଗଲା । ଏହି ସବୁ କ୍ଷେପଣାସ୍ତ୍ରର ପରୀକ୍ଷା ପାଇଁ ଓଡ଼ିଶାର ଚାନ୍ଦିପୁରଠାରେ ଏକ କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି ।

ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ସଂଗଠନ ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ ଓ ତା'ର ଗୁଣବତ୍ତା ପରୀକ୍ଷା କରିବାରେ ପ୍ରଶଂସନୀୟ କାର୍ଯ୍ୟ କରିଛି । ଆକାଶବାହିନୀ ପାଇଁ ଅତି ଉନ୍ନତ ମାନର ଯୁଦ୍ଧବିମାନ ତିଆରି କରିବାରେ ଭାରତୀୟ ବୈଜ୍ଞାନିକମାନେ ସଫଳ ହୋଇଛନ୍ତି । ନୌବାହିନୀ ପାଇଁ ଆବଶ୍ୟକ ଜଳଜାହାଜ, ବୁଡ଼ାଜାହାଜ ଓ ଅନ୍ୟାନ୍ୟ ଯନ୍ତ୍ରପାତି




(କ୍ଷେପଣାସ୍ତ୍ର ଉତ୍‌କ୍ଷେପଣ, ଚାନ୍ଦିପୁର, ବାଲେଶ୍ୱର)

ମଧ୍ୟ ଆମ ଦେଶରେ ତିଆରି କରାଯାଇପାରୁଛି । ପ୍ରତିରକ୍ଷା ପାଇଁ ବ୍ୟବହୃତ ଯାନବାହାନ, ଗୋଳାବାରୁଦ, ବୈଦ୍ୟୁତିକ ଯନ୍ତ୍ରପାତି ମଧ୍ୟ ଭାରତରେ ଉତ୍ପାଦିତ ହେଉଛି ।

| ତୁମେ ଜାଣିଛ କି ? |
| --- |
| *ବାଲେଶ୍ୱର ଜିଲ୍ଲା ଚାନ୍ଦିପୁରର କ୍ଷେପଣାସ୍ତ୍ର ପରୀକ୍ଷା କେନ୍ଦ୍ର ଓ ନିକଟସ୍ଥ ହୁଇଲର ଦ୍ୱୀପରୁ ସମସ୍ତ କ୍ଷେପଣାସ୍ତ୍ରର ପରୀକ୍ଷା କରାଯାଏ ।* |

## ମହାକାଶ ଗବେଷଣା :


୧୯୬୨ରେ ଭାରତର ମହାକାଶ କାର୍ଯ୍ୟକ୍ରମ ଆରମ୍ଭ ହେଲା । ସେହିବର୍ଷ ମହାକାଶ ଗବେଷଣା ପାଇଁ ଭାରତୀୟ ଜାତୀୟ ସମିତି ପ୍ରତିଷ୍ଠା କରାଗଲା । ୧୯୬୯ ରେ 'ଭାରତୀୟ ମହାକାଶ ଗବେଷଣା ସଂଗଠନ' ପ୍ରତିଷ୍ଠିତ ହେଲା । ୧୯୭୨ରେ 'ମହାକାଶ ଆୟୋଗ' ପ୍ରତିଷ୍ଠା କରାଗଲା ।

୧୯୬୩ ମସିହାରେ କେରଳର ଥିରୁବନନ୍ତପୁରମ୍ ଠାରେ ଏକ ରକେଟ୍ ଉତ୍‌କ୍ଷେପଣ କେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା । ଏହାର ନାମ ଥିଲା ଥୁମ୍ବା ବିଷୁବୀୟ ରକେଟ୍ ଉତ୍‌କ୍ଷେପଣ କେନ୍ଦ୍ର । ଆନ୍ଧ୍ର ପ୍ରଦେଶର ଶ୍ରୀହରିକୋଟାରେ ଉପଗ୍ରହ ପ୍ରେରଣ କେନ୍ଦ୍ର ପ୍ରତିଷ୍ଠିତ ହୋଇଥିଲା । କୃତ୍ରିମ ଉପଗ୍ରହଗୁଡ଼ିକ ସହିତ ଯୋଗାଯୋଗ ରକ୍ଷାକରିବାକୁ ମହାରାଷ୍ଟ୍ରର ଆରଭିଠାରେ ଏକ ଉପଗ୍ରହ ଯୋଗାଯୋଗ କେନ୍ଦ୍ର ପ୍ରତିଷ୍ଠା ହେଲା । 'ବିକ୍ରମ ସରାଭାଇ ମହାକାଶ କେନ୍ଦ୍ର' ପ୍ରସିଦ୍ଧ ବୈଜ୍ଞାନିକ ବିକ୍ରମ ସରାଭାଇଙ୍କଦ୍ୱାରା ପ୍ରତିଷ୍ଠିତ ହୋଇଥିଲା ।



(ବିକ୍ରମ ସରାଭାଇ)

୧୯୭୫ ଏପ୍ରିଲ ୧୯ରେ ଭାରତ ତିଆରି ପ୍ରଥମ କୃତ୍ରିମ ଉପଗ୍ରହକୁ ସଫଳତାର ସହିତ ମହାକାଶକୁ ପ୍ରେରଣ କରାଗଲା । ଏହି କୃତ୍ରିମ ଉପଗ୍ରହର ନାମ ରଖାଗଲା 'ଆର୍ଯ୍ୟଭଟ୍ଟ' । ୧୯୭୯ ଜୁନ୍ ୭ରେ 'ଭାସ୍କର ପ୍ରଥମ' ନାମକ ଅନ୍ୟ ଏକ ଭାରତୀୟ କୃତ୍ରିମ ଉପଗ୍ରହ ମହାକାଶକୁ ପ୍ରେରିତ ହେଲା । ଏହି ଦୁଇଟି ଉପଗ୍ରହର ଉତ୍‌କ୍ଷେପଣ ପାଇଁ ଋଷିଆର ବୈକାନୁରରେ ଥିବା ଉତ୍‌କ୍ଷେପଣ ବ୍ୟବସ୍ଥାର



(କୃତ୍ରିମ ଉପଗ୍ରହ ଆର୍ଯ୍ୟଭଟ୍ଟ)

ସହଯୋଗ ନିଆଯାଇଥିଲା । ୧୯୮୧ ଜୁନ୍ ୧୯ରେ ଭାରତର ପ୍ରଥମ ଯୋଗାଯୋଗ ଉପଗ୍ରହ 'ଆପ୍ଲ୍' ମହାକାଶକୁ ପ୍ରେରଣ କରାଗଲା । ମହାକାଶ ଗବେଷଣା ଓ ପ୍ରଶିକ୍ଷଣ ପାଇଁ ଭାରତବର୍ଷରେ ଅନେକ ପ୍ରତିଷ୍ଠାନ ଅଛି । ବୈଦେଶିକ ଉପଗ୍ରହ ପ୍ରେରଣ ବ୍ୟବସ୍ଥାର ବିନା ସହାୟତାରେ ଶ୍ରୀହରିକୋଟାର ଉତ୍କ୍ଷେପଣ କେନ୍ଦ୍ରରୁ ଅନେକ ଉପଗ୍ରହ ମହାକାଶକୁ ପ୍ରେରଣ କରାଯାଇଛି । ପଚାଶରୁ ଊର୍ଦ୍ଧ୍ୱ କୃତ୍ରିମ ଉପଗ୍ରହ ମହାକାଶକୁ ପ୍ରେରଣ କରିବାର ପ୍ରଚେଷ୍ଟା କରି ଭାରତ ଅନେକ ଥର ସଫଳ ହୋଇଛି । ଯୋଗାଯୋଗ ଓ ପାଣିପାଗର ପୂର୍ବାନୁମାନ ପାଇଁ ଏହି କୃତ୍ରିମ ଉପଗ୍ରହମାନେ ଉପଯୋଗୀ ହୋଇଛନ୍ତି ।

ଦେଶରେ ଉପଲବ୍ଧ ବୈଷୟିକ ଜ୍ଞାନକୌଶଳକୁ ଉପଯୋଗ କରି ସମସ୍ତ କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ଅଣାଯାଇ ପାରିଛି । ଖାଦ୍ୟଶସ୍ୟ ଓ ଅନ୍ୟାନ୍ୟ ଖାଦ୍ୟସାମଗ୍ରୀ ଉତ୍ପାଦନରେ ଭାରତ ସ୍ୱାବଲମ୍ବୀ ହୋଇପାରିଛି । ଶିଳ୍ପକ୍ଷେତ୍ରରେ ପାରଦର୍ଶିତା ହାସଲ କରିପାରିଛି । ଶକ୍ତି କ୍ଷେତ୍ରରେ ସ୍ୱାବଲମ୍ବନଶୀଳତା ହାସଲ କରିଛି । ପ୍ରତିରକ୍ଷା କ୍ଷେତ୍ରରେ ସ୍ୱଦେଶୀ ଜ୍ଞାନ କୌଶଳ ପ୍ରୟୋଗ କରି ଶକ୍ତିଶାଳୀ ହୋଇପାରିଛି । ମହାକାଶ ଗବେଷଣା, ସାମୁଦ୍ରିକ ବିଜ୍ଞାନ ଗବେଷଣା ଓ ପରିବେଶ ବିଜ୍ଞାନ ସମ୍ପର୍କରେ ଜ୍ଞାନ ଆହରଣ ଓ ବିନିଯୋଗ ପ୍ରକ୍ରିୟା ବଳବତ୍ତର ରହିଛି ।

ଭାରତ ସରକାର ଓ ରାଜ୍ୟ ସରକାରମାନେ ବିଜ୍ଞାନ ଓ ବୈଷୟିକ ଶିକ୍ଷାକୁ ଗୁରୁତ୍ୱ ଦେବାରୁ ଦେଶର ମାନବସମ୍ବଳକୁ ପ୍ରଶିକ୍ଷିତ ଓ ଦକ୍ଷ କରାଯାଇପାରୁଛି ।

**ତୁମେ ଜାଣିଛ କି ?**

***ନାଗାଲାଣ୍ଡର କୋହିମା ଓ ତ୍ରିପୁରାର ଅଗରତାଲାଠାରେ ଇ-ଅଧ୍ୟୟନ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ପାଇଁ ଆଞ୍ଚଳିକ ଅନୁଷ୍ଠାନମାନ ରହିଛି ।***

❖ ❖ ❖

## ପ୍ରଶ୍ନାବଳୀ

**୧. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୬୦ଗୋଟି ଶବ୍ଦରେ ଲେଖ ।**

(କ) ବିଜ୍ଞାନ ଓ ବୈଷୟିକ ବିଦ୍ୟାର ଉପଯୋଗିତା ସମ୍ପର୍କରେ ଜବାହରଲାଲ୍ ନେହେରୁଙ୍କର ମତ କ'ଣ ଥିଲା ?

(ଖ) ସ୍ୱାଧୀନତା ପ୍ରାପ୍ତି ପରେ ଭାରତରେ କୃଷି ଓ ଶିଳ୍ପର ବିକାଶ ନିମନ୍ତେ କ'ଣ କରାଯାଇଛି ?

(ଗ) ପରମାଣୁ ଶକ୍ତିର ବିକାଶ ପାଇଁ ଭାରତ ସରକାର କି କି ପଦକ୍ଷେପ ନେଇଛନ୍ତି ?

(ଘ) ପ୍ରତିରକ୍ଷା କ୍ଷେତ୍ରରେ ଭାରତର ଅଗ୍ରଗତି ସମ୍ପର୍କରେ ସୂଚନା ଦିଅ ।

(ଙ) ବିଜ୍ଞାନ ଓ ବୈଷୟିକ ବିଦ୍ୟାର ବିକାଶ ଫଳରେ ଭାରତ କିପରି ଲାଭବାନ ହୋଇଛି ?

**୨. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୨୦ ଗୋଟି ଶବ୍ଦରେ ଲେଖ ।**

(କ) କେଉଁ ଉଦ୍ଦେଶ୍ୟରେ ଭାରତର ବୈଷୟିକ ଅନୁଷ୍ଠାନମାନ ପ୍ରତିଷ୍ଠା କରାଯାଇଛି ?

(ଖ) ଭାରତୀୟ ଇସ୍ପାତ ପ୍ରାଧିକରଣ ଲିମିଟେଡ୍ କେବେ ଗଠିତ ହେଲା ଓ କେବେ କାର୍ଯ୍ୟ ଆରମ୍ଭ କଲା ?

(ଗ) ଜବାହରଲାଲ୍ ନେହେରୁ ଆଣବିକ ଶକ୍ତି କ୍ଷେତ୍ରକୁ କାହିଁକି ଗୁରୁତ୍ୱ ଦେଉଥିଲେ ?

(ଘ) ଭାବା ଆଣବିକ ଗବେଷଣା କେନ୍ଦ୍ର କେବେ ଏବଂ କେଉଁଠାରେ ପ୍ରତିଷ୍ଠା କରାଗଲା ?

(ଙ) ଭାରତ କେବେ ଏବଂ କେଉଁଠାରେ ତା'ର ପ୍ରଥମ ପରମାଣୁ ବୋମା ବିସ୍ଫୋରଣ କରିଥିଲା ?

(ଚ) କେଉଁ କାରଣରୁ ଭାରତ ତା'ର ପ୍ରତିରକ୍ଷା ବ୍ୟବସ୍ଥାକୁ ଦୃଢ଼ କରିବାର ଆବଶ୍ୟକତା ଉପଲବ୍ଧି କଲା ?

(ଛ) ୧୯୬୩ ମସିହାରେ କେଉଁଠାରେ ଏକ ରକେଟ୍ ଉତ୍କ୍ଷେପଣ କେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା ଏବଂ ଏହାର ନାମ କ'ଣ ରଖାଯାଇଥିଲା ?

(ଜ) ଭାରତ ତିଆରି ପ୍ରଥମ କୃତ୍ରିମ ଉପଗ୍ରହର ନାମ କ'ଣ ଏବଂ ଏହା କେଉଁଦିନ ମହାକାଶକୁ ପ୍ରେରଣ କରାଯାଇଥିଲା ?

(ଝ) ଭାରତର ପ୍ରଥମ ଯୋଗାଯୋଗ ଉପଗ୍ରହ କେବେ ମହାକାଶକୁ ପ୍ରେରିତ ହେଲା ଏବଂ ତାହାର ନାମ କ'ଣ ?

(ଞ) ଭାରତ ମହାକାଶରେ ଛାଡ଼ିଥିବା କୃତ୍ରିମ ଉପଗ୍ରହଗୁଡ଼ିକ ମୁଖ୍ୟତଃ କେଉଁ କ୍ଷେତ୍ରରେ ଉପଯୋଗୀ ହୋଇପାରିଛି ?

**୩. ପ୍ରତ୍ୟେକ ପ୍ରଶ୍ନରେ ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

(କ) କେବେ ଭାରତର ପ୍ରଥମ ଜାତୀୟ ପରୀକ୍ଷାଗାରର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଥିଲା ?

(ଖ) ବୈଜ୍ଞାନିକ ଓ ଶିଳ୍ପ ଗବେଷଣା କେନ୍ଦ୍ରର ପ୍ରଥମ ଅଧ୍ୟକ୍ଷ କିଏ ଥିଲେ ?

(ଗ) କେଉଁ ଅନୁଷ୍ଠାନ ଢାଞ୍ଚାରେ ଭାରତରେ ବୈଷୟିକ ଶିକ୍ଷାନୁଷ୍ଠାନ ଗଠନ କରାଗଲା ?

(ଘ) ଭାରତର କେନ୍ଦ୍ରୀୟଶାସନରେ କେବେ ବିଜ୍ଞାନ ଓ ବୈଷୟିକ ମନ୍ତ୍ରଣାଳୟ ସୃଷ୍ଟି କରାଗଲା ?

(ଙ) କେବେ ଭାରତର କେନ୍ଦ୍ରୀୟଶାସନରେ ଏକ ସ୍ୱତନ୍ତ୍ର ପରମାଣୁ ଶକ୍ତି ବିଭାଗ ଖୋଲାଯାଇଥିଲା ?

(ଚ) ଇନ୍ଦୋରରେ ଥିବା ଆଣବିକ ପ୍ରତିଷ୍ଠାନର ନାମ କ'ଣ ?

(ଛ) ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ସଂଗଠନ କେବେ ଗଠିତ ହୋଇଥିଲା ?

(ଜ) ଅଗ୍ନି କ୍ଷେପଣାସ୍ତ୍ର କେଉଁଠାରେ ପରୀକ୍ଷା କରାଯାଇଥିଲା ?

(ଝ) ଆନ୍ଧ୍ରପ୍ରଦେଶର କେଉଁସ୍ଥାନରେ ଏକ ରକେଟ୍ ଉତ୍କ୍ଷେପଣ କେନ୍ଦ୍ର ପ୍ରତିଷ୍ଠିତ ହୋଇଛି ?

(ଞ) "ଭାସ୍କର-ପ୍ରଥମ" ଉପଗ୍ରହ ପ୍ରେରଣ ପାଇଁ କେଉଁ ଦେଶର ସହାୟତା ନିଆଯାଇଥିଲା ?

**୪. ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ତା'ର କ୍ରମିକ ନମ୍ବର ସହିତ ଲେଖ ?**

(କ) କେଉଁଠାରେ ପ୍ରଥମ ଭାରତୀୟ ବୈଷୟିକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରାଯାଇଥିଲା ?

i) ମୁମ୍ବାଇ    ii) ଦିଲ୍ଲୀ

iii) ଖଡ଼ଗପୁର    iv) ଚେନ୍ନାଇ

(ଖ) ପରମାଣୁ ଶକ୍ତି ଆୟୋଗର ପ୍ରଥମ ଅଧ୍ୟକ୍ଷ କିଏ ଥିଲେ ?

i) ଜବାହର ଲାଲ୍ ନେହେରୁ ii) ହୋମି ଜାହାଙ୍ଗୀର ଭାବା

iii) ଅବଦୁଲ୍ କାଲାମ୍ iv) ବିକ୍ରମ ସରାଭାଇ

(ଗ) କେଉଁଟି ଆଣବିକ ରିଆକ୍ଟର ନୁହେଁ ?

i) ଧ୍ରୁବ ii) ଆକାଶ

iii) ଅପସରା iv) କାମିନୀ

(ଘ) ଏକୀଭୂତ ନିୟନ୍ତ୍ରିତ କ୍ଷେପଣାସ୍ତ୍ର ବିକାଶ କାର୍ଯ୍ୟକ୍ରମ କେବେଠାରୁ ଆରମ୍ଭ ହେଲା ?

i) ୧୯୬୨ ii) ୧୯୭୪ iii) ୧୯୮୩ iv) ୧୯୮୪

(ଙ) ଉପଗ୍ରହ ଯୋଗାଯୋଗ କେନ୍ଦ୍ର କେଉଁଠାରେ ଅବସ୍ଥିତ ?

i) ଇନ୍ଦୋର ii) ତ୍ରମ୍ବେ iii) ଆର୍‌ଭି iv) ଲକ୍ଷ୍ନୌ

**୫. ପାଠରେ ଦିଆଯାଇଥିବା "ତୁମ ପାଇଁ କାମ" ଗୁଡ଼ିକ ଶିକ୍ଷକଙ୍କ ନିର୍ଦ୍ଦେଶନା ଓ ସହାୟତାରେ ସମ୍ପାଦନ କର ।**

❖ ❖ ❖